

## ରାସ୍ତାକଡ଼ରୁ ନବଜାତ ଶିଶୁର ମୃତଦେହ ଉଦ୍ଧାର

ଭୁବନେଶ୍ୱର, ୧୫।୧(ସମିସ): ରାଜଧାନୀରେ ପୁଣି ଥରେ ସମ୍ବେଦନହୀନତାର ଆଉ ଏକ ନଗ୍ନ ଚିତ୍ର ଦେଖିବାକୁ ମିଳିଛି। କେଉଁଠାରେ ପିଲାଟିଏ ପାଇଁ ବାପା-ମାଆ ଦିଅଁଦେବତା ପୂଜା କରୁଛନ୍ତି ତ ଆଉ କେଉଁଠି ସମ୍ମାନହାନୀ ଆଶଙ୍କାରେ ନବଜାତ ଶିଶୁଙ୍କୁ ଅଳିଆଗଦାରେ ଫିଙ୍ଗି ଦିଆଯାଉଛି। ମରିଯାଇଛି ମାନବିକତା, ନବଜାତ ଶିଶୁକୁ ରାସ୍ତାକଡ଼ରେ ଫିଙ୍ଗି ଦେଇଛି ମାଆ। ଭୁବନେଶ୍ୱର ନୂଆପଲ୍ଲୀ ଥାନା ଅଞ୍ଚଳରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ପାଇକ ନଗର ଅଞ୍ଚଳରୁ ନବଜାତ ଶିଶୁକୁ ଉଦ୍ଧାର କରାଯାଇଛି। କ୍ୟାପିଟାଲ ହସ୍ପିଟାଲରେ ଡାକ୍ତର ତାକୁ ମୃତ ଘୋଷଣା କରିଛନ୍ତି। ଜନ୍ମ ହେବା ପରେ ଶିଶୁକୁ ଆଣି କେହି ଫିଙ୍ଗି ଦେଇଥିବା ଅନୁମାନ କରାଯାଉଛି।

ସୂଚନା ଅନୁଯାୟୀ, ବୁଧବାର ସନ୍ଧ୍ୟାରେ ପାଇକ ନଗର ରାସ୍ତାକଡ଼ରେ ନବଜାତ ଶିଶୁ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବରପାଇ ନୂଆପଲ୍ଲୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ନବଜାତ ଶିଶୁକୁ ଉଦ୍ଧାର କରି ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସେପଟେ ନବଜାତ ଶିଶୁଟି ଗୋଟିଏ ଦିନର ହୋଇଥିବା ଅନୁମାନ କରାଯାଉଛି। ଜନ୍ମ କରିବା ପରେ ସନ୍ଧ୍ୟାରେ କେହି ଆଣି ଫିଙ୍ଗି ଦେଇ ପଳାଇଥିବା ପୁଲିସ ଅନୁମାନ କରୁଛି। ନିଜଆଡୁ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଘଟଣାସ୍ଥଳରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ୍ ଯାଞ୍ଚ କରି ତଦନ୍ତ ଚଳାଇଛି। ମୃତ ନବଜାତ ଶିଶୁକୁ କ୍ୟାପିଟାଲ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ଗୁରୁବାର ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ କହିଛି।

## ଅଟୋଚାଳକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭୁବନେଶ୍ୱର, ୧୫।୧(ସମିସ): ନୂଆପଲ୍ଲୀ ଅଞ୍ଚଳରେ ଜଣେ ଅଟୋ ଚାଳକ ଆତ୍ମହତ୍ୟା କରିଛନ୍ତି। ମୃତକ ହେଉଛନ୍ତି ଜିତୁ କୁମାର ସାହୁ (୪୨)। ଖବରପାଇ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି ନୂଆପଲ୍ଲୀ ଥାନା ପୁଲିସ। ମିଳିଥିବା ସୂଚନା ଅନୁସାରେ, ଭଞ୍ଜନଗର ଅଞ୍ଚଳର ଜିତୁ ପେଶାରେ ଜଣେ ଅଟୋଚାଳକ ହୋଇଥିବାବେଳେ ପତ୍ନୀଙ୍କ ସହିତ ନୂଆପଲ୍ଲୀ ନୂଆସାହି ଅଞ୍ଚଳରେ ରହୁଥିଲେ। ବୁଧବାର ଦ୍ୱିପହର ସମୟରେ ଜିତୁ ଘରେ ଥିବାବେଳେ ପତ୍ନୀ ପ୍ରୀତି କୌଣସି କାମରେ ବାହାରକୁ ଯାଇଥିଲେ। ଦିନ ପ୍ରାୟ ୨ଟା ୩୦ରେ ପ୍ରୀତି ଫୋନ୍ କରିଥିଲେ ମଧ୍ୟ ଜିତୁ ଉଠାଇ ନ ଥିଲେ। ସେ ଘରକୁ ଆସିବା ବେଳକୁ ଜିତୁ ବେକରେ ରଶି ଲଗାଇ ଫ୍ୟାନ୍‌ରେ ଝୁଲି ପଡ଼ିଥିଲେ। ଖବରପାଇ ନୂଆପଲ୍ଲୀ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଜିତୁଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପତ୍ନୀଙ୍କ ଅଭିଯୋଗ ଆଧାରରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗୁରୁବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ କହିଛି।

**ବିମାନ ବନ୍ଦରରୁ ୧୦ ଦିନରେ ୧୪ କୋଟିର ନିଶାଦ୍ରବ୍ୟ ଜବତ**

# ସୁନା ପରେ ଏବେ ମାରିଜୁଆନା

ଭୁବନେଶ୍ୱର, ୧୫।୧(ସମିସ): ମାଲେସିଆ ଓ ବ୍ୟାଙ୍କକ୍‌ରୁ ସୁନା ସ୍ମଗ୍‌ଲିଂ କମିଛି, କିନ୍ତୁ ଜର୍ମାନୀ ପ୍ରସ୍ତୁତ ନିଶାଦ୍ରବ୍ୟ ମାରିଜୁଆନା ଚିନ୍ତା ବଢ଼ାଇଛି। ଗତ ୧୦ ଦିନରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ୧୪ କୋଟି ଟଙ୍କାର ମାରିଜୁଆନା ଜବତ କରି ସାରିଲେଣି ସୀମାଶୁଳ୍କ (କଷ୍ଟମ) ବିଭାଗ। ଏଥିରେ ସମ୍ପୃକ୍ତି ରହିଥିବା ୨ ମହିଳାଙ୍କ ସହ ୩ ଜଣଙ୍କୁ ଗିରଫ କରାଯାଇଛି। ଥାଇଲାଣ୍ଡ ଓ ମାଲେସିଆରୁ ଭାୟା ଓଡ଼ିଶା ଦେଇ ଏହି ମାରିଜୁଆନା ଆସୁଥିଲା। ଥାଇଲାଣ୍ଡର ବ୍ୟାଙ୍କକ୍‌ରୁ ଆସୁଥିବା ୪ କୋଟି ଓ ମାଲେସିଆ କ୍ୱାଲାଲମ୍ପୁରରୁ ଆସୁଥିବା ୧୦ କୋଟିର ମାରିଜୁଆନା ଜବତ କରିଛି ସୀମାଶୁଳ୍କ ବିଭାଗ। ଜର୍ମାନୀ ମାରିଜୁଆନା (ଗଞ୍ଜେଇ)କୁ ଓଡ଼ିଶା ଦେଇ ଦେଶ ଓ ବିଦେଶକୁ ଚାଲାଣ କରାଯାଉଛି। ତେଣୁ ସୀମାଶୁଳ୍କ, ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ ଓ ଅନ୍ୟ ତଦନ୍ତକାରୀ ସଂସ୍ଥାଗୁଡ଼ିକ ସତର୍କ ହେବା ସହ ବିମାନବନ୍ଦରର ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରିଥିବା ଜଣାପଡ଼ିଛି।

ମିଳିଥିବା ତଥ୍ୟ ଅନୁଯାୟୀ, କେରଳର ଯୁବକ ନିକଟରେ ଥାଇଲାଣ୍ଡ ଯାଇଥିଲେ। ସେଠାରୁ ଜର୍ମାନୀରେ ପ୍ରସ୍ତୁତ ହୋଇଥିବା ମାରିଜୁଆନାକୁ ଓଡ଼ିଶା ଦେଇ କେରଳ ଚାଲାଣ କରିବାକୁ ଯୋଜନା କରିଥିଲେ। ତେଣୁ ବ୍ୟାଙ୍କକ୍-ଓଡ଼ିଶା ରୁଟ୍‌ରେ ଚଳାଚଳ କରୁଥିବା ବିମାନରେ ଏହି ନିଶାଦ୍ରବ୍ୟ ନେଇ ଭୁବନେଶ୍ୱର ବିମାନବନ୍ଦରରେ ସମ୍ପୃକ୍ତ କେରଳୀ ଯୁବକ ପହଞ୍ଚି ଯାଇଥିଲେ। ତାଙ୍କ ଗତିବିଧି ଉପରେ ସୀମାଶୁଳ୍କ ବିଭାଗ ଓ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆର୍‌ଆଇ) ସନ୍ଦେହ ଘେରକୁ ନେଇଥିଲା। ତାଙ୍କ ବ୍ୟାଗ୍‌କୁ ଯାଞ୍ଚ କରିବା ପରେ ଏକ କମ୍ପାନୀର ୪ ପ୍ୟାକେଟ୍ ବିସ୍କୁଟ୍ ବାହାରିଥିଲା। ଉକ୍ତ ପ୍ୟାକେଟ୍‌କୁ ଖୋଲିବା ପରେ ସେଥିରୁ ୮ଟି ପ୍ୟାକେଟ୍‌ରେ ୩ କିଲୋ ୯୯୦ ଗ୍ରାମ୍‌ର ମାରିଜୁଆନା ଥିବା ଜଣାପଡ଼ିଥିଲା। ଉକ୍ତ ଯୁବକଙ୍କୁ ସୀମାଶୁଳ୍କ ବିଭାଗ ଗିରଫ କରିବା ପରେ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାର ତଦନ୍ତ ଜାରି ରହିଥିବାବେଳେ ଅନ୍ତର୍ଜାତୀୟ ନିଶା ମାଫିଆଙ୍କ ଲିଙ୍କ୍ ପଦାକୁ

**■ ଥାଇଲାଣ୍ଡ, ମାଲେସିଆରୁ ଓଡ଼ିଶା ଦେଇ କେରଳ ଚାଲାଣ**

ଆସିଛି। ତେଣୁ ସମ୍ପୃକ୍ତ ଚାଲାଣକାରୀକୁ ରିମାଣ୍ଡରେ ଆଣି ପଚରାଉଚରା କରିବାକୁ ଯୋଜନା କରୁଛି ସୀମାଶୁଳ୍କ ବିଭାଗ। ସମ୍ପୃକ୍ତ କେରଳ ଯୁବକ ଏକ ଏଜେନ୍ସିରେ କାର୍ଯ୍ୟ କରନ୍ତି। ତାଙ୍କୁ ଚାଲାଣକାରୀ ଭାବେ ନିଯୁକ୍ତି ମିଳିଥିବାବେଳେ ସେ ଆଗ୍ରୀମ ଆକାରରେ ଟଙ୍କା ମଧ୍ୟ ନେଇଛନ୍ତି। ଅନୁରୂପ ଭାବେ ଗତ ୪ ତାରିଖରେ ସମାନ ଭାବେ ମାରିଜୁଆନା ଚାଲାଣକୁ ରୋକିଥିଲା ସୀମାଶୁଳ୍କ ବିଭାଗ। ଜର୍ମାନୀରୁ ମାଲେସିଆ ଭାୟା ଓଡ଼ିଶା ଦେଇ କୋଲକାତା ମାରିଜୁଆନା ସ୍ମଗ୍‌ଲିଂ କରୁଥିବାବେଳେ କୋଲକାତାର ଦୁଇ ମହିଳା ଅବଦା ଖାତୁନ୍ ଓ ନାସିରା ବେଗମ୍ ସୀମାଶୁଳ୍କ ହାବୁଡ଼ରେ ପଡ଼ିଥିଲେ। ମାଲେସିଆରୁ ବ୍ୟାଗ୍‌ରେ ୧୯ଟି ପ୍ୟାକେଟ୍ ମାରିଜୁଆନା ଧରି ଓଡ଼ିଶା ଫେରୁଥିଲେ। କ୍ୱାଲାଲମ୍ପୁର-ଓଡ଼ିଶା ରୁଟ୍‌ରେ ଚଳାଚଳ କରୁଥିବା ବିମାନରେ ଦୁଇ ମହିଳା ୯ କିଲୋ



୫୨୪ଗ୍ରାମ୍‌ର ମାରିଜୁଆନା ନେଇ ଆସୁଥିବାବେଳେ ସୀମାଶୁଳ୍କ ବିଭାଗ କାବୁ କରି ନେଇଥିଲା। କିଛି ଦିନ ବ୍ୟବଧାନରେ ଏହି ନିଶାଦ୍ରବ୍ୟ ଓଡ଼ିଶାରୁ ଦୁଇଥର ଠାବ ହେବା ପରେ ସମସ୍ତଙ୍କ ଚିନ୍ତା ବଢ଼ିଯାଇଛି। ଏହି ଦୁଇଟି ଘଟଣାରେ ଅନ୍ତର୍ଜାତୀୟ ନିଶା ମାଫିଆଙ୍କ ସମ୍ପୃକ୍ତି ରହିଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି। ତେଣୁ ଦୁଇଟି ମାମଲାରେ ଧରାପଡ଼ିଥିବା ଚାଲାଣକାରୀକୁ ରିମାଣ୍ଡରେ ନେଇ ପଚରାଉଚରା କରିବାକୁ ଲକ୍ଷ୍ୟ ରଖିଛି ତଦନ୍ତକାରୀ ଟିମ୍।

ଅନ୍ୟପକ୍ଷରେ ଜର୍ମାନୀରୁ ମାଲେସିଆ ଓ ଥାଇଲାଣ୍ଡ ଦେଇ ଭାରତକୁ ମାରିଜୁଆନା ଚାଲାଣ କରାଯାଉଥିବା ବଡ଼ ସୁରାକ୍ ସୀମାଶୁଳ୍କ ବିଭାଗ ହାତରେ ଲାଗିଛି। ମାରିଜୁଆନାର ଚାହିଦା ବଢୁଥିବାରୁ ଏହି ନିଶାଦ୍ରବ୍ୟର ଚାଲାଣ ବୃଦ୍ଧି ହୋଇଛି। ୧ କିଲୋ ମାରିଜୁଆନା ଚାଲାଣ ବାବଦରେ ଚାଲାଣକାରୀ ୧୦ ଲକ୍ଷ ଟଙ୍କା କମିଶନ ନେଉଥିଲେ। ଏହି ନିଶା କାରବାରରେ ସୁନ୍ଦରୀ ମହିଳାଙ୍କୁ ନିଯୁକ୍ତି ମିଳୁଛି। କେବଳ ଓଡ଼ିଶା ନୁହେଁ, ଅନ୍ୟ ରାଜ୍ୟ ତଥା ଦେଶକୁ ଚାଲାଣ କରାଯାଉଛି। କିନ୍ତୁ ବିଜୁ ପଟ୍ଟନାୟକ ବିମାନବନ୍ଦରକୁ ଟାର୍ଗେଟ୍ କରି ଗଳାବାଟ ଦେଇ ମାରିଜୁଆନାକୁ ଚାଲାଣ କରାଯାଉଛି। ସେହିପରି ଭାରତର ଯୁବକ ଓ ଯୁବତୀ ସେଠାକୁ ଭ୍ରମଣରେ ଯାଉଛନ୍ତି। ଏଜେନ୍ସି ଜରିଆରେ ସେଠାରେ ପହଞ୍ଚିବା ପରେ ନିଶାଦ୍ରବ୍ୟ ଚୋରା ଚାଲାଣ ବାବଦରେ ଯୋଜନା ପ୍ରସ୍ତୁତ କରାଯାଉଛି। ବିଦେଶୀ ନିଶାଦ୍ରବ୍ୟକୁ ନେଇ ସେଠାରୁ ଭାରତକୁ ଫେରୁଛନ୍ତି। ଏହି ନେଟ୍‌ୱର୍କରୁ ବିଦେଶରେ ରହି ମୁଖିଆ ଅପରେଟ୍ କରୁଛି।

## ଉତ୍ତରା ଛକରେ ଟ୍ରାଫିକ୍ ପୋଷ୍ଟ କାର୍ଯ୍ୟକ୍ଷମ

ଧଉଳି, ୧୫।୧(ସମିସ): ଦୀର୍ଘଦିନର ପ୍ରତୀକ୍ଷା ପରେ ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ଉତ୍ତରା ଛକରେ କାର୍ଯ୍ୟକ୍ଷମ ହୋଇଛି ଟ୍ରାଫିକ ପୋଷ୍ଟ। ଏଥିସହ ଏଠାରେ ଟ୍ରାଫିକ୍ ପୁଲିସ ମଧ୍ୟ ମୁତୟନ କରାଯାଇଛି। ଫଳରେ ସୁବିଧାରେ ବା ଟ୍ରାଫିକ୍ ନିୟମରେ ଯାନବାହନ ଚଳାଚଳ ହେଉଛି।

**ନିୟୋଜିତ ହେଲେ ଟ୍ରାଫିକ୍ ପୁଲିସ**



ପ୍ରକାଶ ଥାଉକି, ଦୀର୍ଘ ବର୍ଷ ଧରି ଏଠାରେ କୌଣସି ଟ୍ରାଫିକ୍ ପୋଷ୍ଟ ନ ଥିବାରୁ ଯାନବାହନ ଚଳାଚଳରେ ବ୍ୟାପକ ଅସୁବିଧା ଦେଖାଯାଇଥିଲା। ଲୋକେ ମନଇଚ୍ଛା ଯାନବାହନ ଚଳାଚଳ କରୁଥିଲେ। ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟିବା ସହ ଲୋକେ ମୃତାହତ ହୋଇଛନ୍ତି। ଏପରିକି ଜଣେ ସାଧାରଣ ଲୋକ କିମ୍ବା ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ରାସ୍ତା ଅତିକ୍ରମ କରିବା କାଠିକର ପାଠ ହେଉଥିଲା। ଏହି ସମସ୍ୟାକୁ ନେଇ ଉତ୍ତରା ଅଞ୍ଚଳର ସମାଜସେବୀ ସରୋଜ କୁମାର ପାତ୍ର ଓ ବରିଷ୍ଠ ନାଗରିକ ସଙ୍ଘ ବାରମ୍ବାର କମିସନରେଟ୍ ପୁଲିସ ଓ ଟ୍ରାଫିକ୍ ପୁଲିସର ବରିଷ୍ଠ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏପରିକି ଉତ୍ତରା ଟ୍ରାଫିକ୍ ସମସ୍ୟା ଖବର ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା। ଶେଷରେ କମିସନରେଟ୍ ପୁଲିସ ଓ ଟ୍ରାଫିକ୍ ପୁଲିସର ପୂର୍ଣ୍ଣ ସହଯୋଗରେ ଏଠାରେ ଟ୍ରାଫିକ୍ ପୋଷ୍ଟ କାର୍ଯ୍ୟକ୍ଷମ ହୋଇଛି।

## ଖଣ୍ଡଗିରି ଯାତ୍ରା ପାଇଁ କମିଟି ଗଠିତ

ଭୁବନେଶ୍ୱର, ୧୫।୧(ସମିସ): ଆସନ୍ତା ଫେବୃଆରୀ ୪ରୁ ଆରମ୍ଭ ହେବ ବିଶ୍ୱପ୍ରସିଦ୍ଧ ଖଣ୍ଡଗିରି କୁମ୍ଭମେଳା। ୬ ତାରିଖରୁ ଯାତ୍ରା ମହାସମର ମଧ୍ୟ ଆରମ୍ଭ ହୋଇଯିବ। ୧୨ ଦିନ ବ୍ୟାପୀ ଯାତ୍ରା ହେବାକୁ ଥିବାବେଳେ ୧୨ଟି ଯାତ୍ରା ପାର୍ଟି ନାଟକ ପରିବେଷଣ କରିବାକୁ ଯୋଜନା ହୋଇଛି। ତେବେ ଏସବୁକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ଆରମ୍ଭ ହୋଇଛି ଯୋଜନା। ଜୋନ୍ ୩ ଏସିପି ତାପସ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ବୁଧବାର ସନ୍ଧ୍ୟାରେ ଖଣ୍ଡଗିରି ଥାନା ପରିସରରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୬ଟି ଯାତ୍ରା କମିଟିର ସଭାପତି, ସମ୍ପାଦକ, ବାରଭୂଜା କମିଟି, ଅନନ୍ତ କେଶରୀ ଦେବ କମିଟି, ଘାଟିକିଆ, ଡୁମ୍‌ଡୁମା, ଆଇଗିଣିଆ, ବରମୁଣ୍ଡା ଓ ଜାଗମରା କର୍ପୋରେଟରଙ୍କୁ ନେଇ ଏକ କୋର୍ କମିଟି ଗଠନ କରାଯାଇଛି। ସ୍ଥାନୀୟ ଏସିପି ଓ ଖଣ୍ଡଗିରି ଥାନା ଅଧିକାରୀ ମଧ୍ୟ ଏହି କମିଟିରେ ରହିଛନ୍ତି। ଶୃଙ୍ଖଳିତ ପରିଚାଳନା ଏହି ସେଣ୍ଟ୍ରାଲ କୋର୍ କମିଟି କାମ କରିବ। ଏହି କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖଣ୍ଡଗିରି କୁମ୍ଭମେଳା ଓ ଯାତ୍ରା ପରିଚାଳନା ହେବ। (ବରୁଣ)

**ନାବାଳିକାକୁ ଅସଦାଚରଣ ଅଭିଯୋଗ**

## ୬ ବର୍ଷ ପରେ ପୀଡ଼ିତା ବାପାର ସାଙ୍ଗକୁ ୩ ବର୍ଷ ଜେଲ୍

ଭୁବନେଶ୍ୱର, ୧୫।୧(ସମିସ): ଭୁବନେଶ୍ୱରର ଆଡ୍‌ହକ ଆଡିସ୍‌ନାଲ ସେସନ୍ସ ଜଜ୍ ଫାଷ୍ଟଟ୍ରାକ୍ ସ୍ପେଶାଲ କୋର୍ଟ (ପୋକ୍ସୋ)ର ବିଚାରପତି ସରୋଜ କୁମାର ସାହୁ ୨୦୧୯ରେ ଘଟିଥିବା ଏକ ନାବାଳିକା ଉତ୍ପୀଡ଼ନ ମାମଲାର ବିଚାର କରି ୬ ବର୍ଷ ପରେ ସଜା ଶୁଣାଇଛନ୍ତି। ପୀଡ଼ିତାର ବାପାଙ୍କ ସାଙ୍ଗ ତଥା ଅଭିଯୁକ୍ତ ପଦ୍ମନାଭ ଜେନାକୁ ଅଦାଲତ ୩ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି।

ପୁଲିସ ସୂଚନା ଅନୁସାରେ, ଖଣ୍ଡଗିରି ଥାନା ଅଧୀନ ଜାଗମରା ଅଞ୍ଚଳରେ ପରିବାର ସହିତ ରହୁଥିବା ଦମ୍ପତି ୨୦୧୯ ମାର୍ଚ୍ଚ ୧୯ ତାରିଖରେ କୌଣସି କାମରେ ବାହାରକୁ ଯାଇଥିବାବେଳେ ଦୁଇ ଝିଅ ଓ ପୁଅ ଘରେ ଥିଲେ। ସେହି ସମୟରେ ତାଙ୍କ ବାପାଙ୍କ ସାଙ୍ଗ ପଦ୍ମନାଭ ଜେନା ଘରକୁ ଆସି ଛୋଟ ପୁଅକୁ ଚକୋଲେଟ୍ ଆଣିବା ପାଇଁ ବାହାରକୁ ପଠାଇଦେଇ ୯ ବର୍ଷର ନାବାଳିକାକୁ ଅସଦାଚରଣ କରିଥିଲା। ଘଟଣା ବିଷୟରେ କାହାରିକୁ ନ ଜଣାଇବାକୁ ଧମକ ଦେଇଥିଲା। ପଦ୍ମନାଭର ବ୍ୟବହାରରେ ଭୟଭୀତ ହୋଇ ପୀଡ଼ିତା ଜଣକ କାନ୍ଦିବାକୁ ଲାଗିଥିଲା। ପୀଡ଼ିତାର କାନ୍ଦ ଶୁଣି ଗାଧୁଆ ଘରେ ଥିବା ବଡ଼ ଭଉଣୀ ବାହାରକୁ ଆସିବାବେଳେ ପଦ୍ମନାଭ ସେଠାରୁ ଖସି ପଳାଇ ଯାଇଥିଲା। ନାବାଳିକା ପୀଡ଼ିତାଠାରୁ ଯୌନ ଉତ୍ପୀଡ଼ନ ବିଷୟରେ ଜାଣିବା ପରେ ମାଆ ଏନେଇ ଖଣ୍ଡଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୁଲିସ ପୋକ୍ସୋ ଆକ୍ଟରେ ମାମଲା ରୁଜୁ କରିଥିଲା। ଏହାର ପ୍ରାଥମିକ ତଦନ୍ତ ଦାୟିତ୍ୱ ଏସ୍‌ଆଇ ସସ୍ମିତା ଧଳଙ୍କୁ ହସ୍ତାନ୍ତର କରାଯାଇଥିବାବେଳେ ପରବର୍ତ୍ତୀ ସମୟରେ ଏସ୍‌ଆଇ ସୁଜତା ଜେନା ଏହି ମାମଲାର ତଦନ୍ତ ଦାୟିତ୍ୱ ନେଇଥିଲେ। ଏହି ମାମଲାର ତଦନ୍ତ କରି ପଦ୍ମନାଭକୁ ଗିରଫ କରାଯିବା ସହ ନିର୍ଦ୍ଧାରିତ ସମୟ ପୂର୍ବରୁ କୋର୍ଟରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ଅଦାଲତ ୧୦ ଜଣ ସାକ୍ଷୀ ଓ ୨୩ଟି ପ୍ରଯୁଜ୍ୟ ଦସ୍ତାବିଜ୍ ଆଧାରରେ ଉକ୍ତ ମାମଲାର ବିଚାର କରି ପଦ୍ମନାଭ ଜେନାକୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୫ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ୩ ମାସ ଅଧିକ କାରାଦଣ୍ଡ ପାଇଁ ମଧ୍ୟ ଆଦେଶ ଦେଇଛନ୍ତି। ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର ରାଜୀବ ସାସମଲ ଓ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ବଳରାମ ଦେଓ ଏହି ମାମଲା ପରିଚାଳନା କରୁଥିଲେ।

## ଦୋକାନରୁ ଚୋରି ମାମଲାରେ ୨ ବର୍ଷ ଜେଲ୍ ଦଣ୍ଡାଦେଶ

ଭୁବନେଶ୍ୱର, ୧୫।୧(ସମିସ): ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୧ର ବିଚାରପତି ସ୍ୱଦେଶ ତ୍ରିପାଠୀ ଶ୍ରୀଲିଙ୍ଗରାଜ ଥାନା ଅଞ୍ଚଳରେ ହୋଇଥିବା ଏକ ଚୋରି ମାମଲାର ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ମନ୍ମଥ ରଣାକୁ ଦୋଷୀ ସାବ୍ୟସ୍ତ କରିବା ସହିତ ୨ ବର୍ଷ ସଜା ଶୁଣାଇଛନ୍ତି।

ପୁଲିସ ସୂଚନା ଅନୁସାରେ, ଲୁଇସ୍ ରୋଡ୍‌ରେ ସ୍ମୃତିବାକ୍ୟ ନାୟକଙ୍କର ଏକ ବେକରୀ ଦୋକାନ ରହିଛି। ଗତବର୍ଷ ଅକ୍ଟୋବର ୬ ତାରିଖରେ ଦୋକାନରେ ମରାମତି କାମ ଚାଲୁଥିବାରୁ ରାତି ପ୍ରାୟ ୧ଟା ସମୟରେ ସ୍ମୃତି ଦୋକାନରେ ତାଲା ପକାଇ ଘରକୁ ଚାଲିଯାଇଥିଲେ। ଏହାପରେ ମନ୍ମଥ ଦୋକାନର ତାଲା ଭାଙ୍ଗି ଭିତରେ ପଶିବା ସହିତ କ୍ୟାସ୍ ଡ୍ର'ରୁ ୩୦ ହଜାର ଟଙ୍କା ଓ ଏକ ମୋବାଇଲ୍ ଫୋନ୍ ଚୋରି କରି ନେଇଯାଇଥିଲା। ପରଦିନ ସକାଳୁ ଚୋରି ବିଷୟରେ ଜାଣି ସ୍ମୃତି ଏନେଇ ଶ୍ରୀଲିଙ୍ଗରାଜ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ଏଏସ୍‌ଆଇ ଅମରେନ୍ଦ୍ର ସ୍ୱାଇଁ ତଦନ୍ତ କରି ମନ୍ମଥକୁ ଗିରଫ କରିବା ସହିତ ଚୋରି ସାମଗ୍ରୀ ସବୁକୁ ଜବତ କରିଥିଲେ। ଏଥିସହିତ ନିର୍ଦ୍ଧାରିତ ସମୟ ପୂର୍ବରୁ ଅଦାଲତରେ ଚାର୍ଜସିଟ୍ ଦାଖଲ କରିଥିଲେ। ଅଦାଲତ ୫ ଜଣ ସାକ୍ଷୀ ଓ ପ୍ରଯୁଜ୍ୟ ଦସ୍ତାବିଜ୍‌ଗୁଡ଼ିକ ଆଧାରରେ ଏହି ମାମଲାର ବିଚାର କରି ମନ୍ମଥ ରଣାକୁ ୨ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ୧ ମାସ ଅଧିକ କାରାଦଣ୍ଡ ପାଇଁ ମଧ୍ୟ ଆଦେଶ ଦେଇଛନ୍ତି। ସେହିପରି ଆଉ ଏକ ଦଫାରେ ୧ ବର୍ଷ ୬ ମାସର ସଶ୍ରମ କାରାଦଣ୍ଡ ସହିତ ୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ୧ ମାସ ଅଧିକ କାରାଦଣ୍ଡ ପାଇଁ ମଧ୍ୟ ଆଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରଙ୍କ ତରଫରୁ ସହକାରୀ ପବ୍ଲିକ୍ ପ୍ରୋସିକ୍ୟୁଟର ପ୍ରଫୁଲ୍ଲ ଷଡ଼ଙ୍ଗୀ ଓ ସଞ୍ଜୟ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ଐତିହ୍ୟ ପୁଷ୍କରିଣୀ, କୂପ ଅବହେଳିତ

**■ ଆବର୍ଜନାରେ ପୋତି ହୋଇଗଲାଣି ମନ୍ଦିର ପରିସର କୂପ**

**■ ବଦଳିଗଲାଣି ପୁଷ୍କରିଣୀ ପାଣିର ରଙ୍ଗ**

**■ ନାକ ଟେକୁଛନ୍ତି ପର୍ଯ୍ୟଟକ; ଧ୍ୟାନ ଦେଉନି ଏଏସ୍‌ଆଇ**





ଭୁବନେଶ୍ୱର, ୧୫।୧(ସମିସ): ମନ୍ଦିରମାନଙ୍କର ସମୂହ ହେଉଛି ରାଜଧାନୀ। ସହର ସାରା ରହିଛି ଶତାବ୍ଦୀ ଶତାବ୍ଦୀର ପୁରାତନ ମନ୍ଦିର। ଏହା କେବଳ ଐତିହ୍ୟ କୀର୍ତ୍ତିରାଜିର ମୂକ ସାକ୍ଷୀ ନୁହଁ ବରଂ ଲୋକଙ୍କ ଆଧ୍ୟାତ୍ମିକ ଭାବନା ସହ ମଧ୍ୟ ଜଡ଼ିତ। ମନ୍ଦିରର କୀର୍ତ୍ତିରାଜି ସହ ସେହି ପରିସରରେ ଥିବା ଐତିହ୍ୟ ପୁଷ୍କରିଣୀର ରହିଛି ପୁରାତନ କିମ୍ବଦନ୍ତୀ। ଏହି ପୁଷ୍କରିଣୀଗୁଡ଼ିକ ନିକଟସ୍ଥ ମନ୍ଦିରର ପୂଜାର୍ଚ୍ଚନା ଓ ବିଧିବିଧାନ ସହ ସମ୍ପୃକ୍ତ। କିନ୍ତୁ ଗତ କିଛି ବର୍ଷ ହେଲା ସେସବୁର ଜଳ ଏତେ ଅପରିଷ୍କାର ହୋଇଯାଇଛି ଯେ ମନ୍ଦିର କାର୍ଯ୍ୟରେ ମଧ୍ୟ ବ୍ୟବହାର ହୋଇପାରୁ ନାହିଁ। ସେଥିମଧ୍ୟରୁ ଅଧିକାଂଶ ପରିତ୍ୟକ୍ତ ଅବସ୍ଥାରେ ଦେଖିବାକୁ ମିଳୁଛି। କେବଳ ଯେ ମନ୍ଦିର ପରିସରର ପୁଷ୍କରିଣୀ ନୁହଁ ବରଂ ମନ୍ଦିର ପରିସରରେ ଥିବା ପୁରାତନ କୂପଗୁଡ଼ିକର ଅବସ୍ଥା ମଧ୍ୟ ସମାନ। କେଉଁଠି ଅଳିଆ ଆବର୍ଜନା ପଡ଼ି ପୋତି ହୋଇଗଲାଣି ତ କେଉଁଠି ଗଛଲତା ମାଡ଼ି ବଣ ହୋଇଥିବା ନଜରକୁ ଆସୁଛି।

ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ରହିଛି ଅନେକ ଗୁଡ଼ିଏ ଛୋଟ ବଡ଼ ମନ୍ଦିର। ସେହି ପରିସରରେ ଦେଖିବାକୁ ମିଳେ ପୁରାତନ କୂପ ଓ ପୁଷ୍କରିଣୀ ଯଥା- ମୁକ୍ତେଶ୍ୱର ମନ୍ଦିର ପୁଷ୍କରିଣୀ, ରାମେଶ୍ୱର ପୁଷ୍କରିଣୀ, କୋଟି ତୀର୍ଥେଶ୍ୱର ପୁଷ୍କରିଣୀ, କେଦାରଗୌରୀ ମନ୍ଦିର ପୁଷ୍କରିଣୀ, ଗୋଦାବରୀ କୁଣ୍ଡ, ଗୁଆଝର, ପାପନାଶିନୀ ପୁଷ୍କରିଣୀ, ବିନ୍ଦୁସାଗର, ଦେବୀପାଦହରା ପୁଷ୍କରିଣୀ ଭଳି ବହୁ ଐତିହାସିକ ପୁଷ୍କରିଣୀ ପୁନଃଉଦ୍ଧାର ଅପେକ୍ଷାରେ ରହିଛି। ଯେଉଁଗୁଡ଼ିକର ଭିନ୍ନ ଭିନ୍ନ ଐତିହାସିକ ମାନ୍ୟତା ରହିଛି। ହେଲେ ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ସେହି ପୁଷ୍କରିଣୀଗୁଡ଼ିକ ତା'ର ସୌନ୍ଦର୍ଯ୍ୟ ହରାଇ ବସିଲେଣି। ଅଳିଆ ଆବର୍ଜନା ତଥା ଗଛର ଶୁଖିଲା ପତ୍ର, ଡାଳ ଆଦି ପଡ଼ି ଏହାର ରଙ୍ଗ ପରିବର୍ତ୍ତନ ହୋଇଗଲାଣି। ଫଳରେ ତାହା ଏବେ ମନ୍ଦିର କାର୍ଯ୍ୟରେ ଲାଗିପାରୁନି ବୋଲି ପୂଜକ ମତ ଦେଉଛନ୍ତି। ତାଙ୍କ କହିବା ଅନୁଯାୟୀ, ଏଏସ୍‌ଆଇ ମନ୍ଦିର ଅନ୍ୟ କଥା ବୁଝିଲେ ବି ପୁଷ୍କରିଣୀ ପ୍ରତି ବିଶେଷ ଧ୍ୟାନ ଦେଉନାହିଁ। ସେହି ପାଣିକୁ ସଫା କରିବା ସହ ସମୟ ଅନ୍ତରରେ ପାଣି ନିଷ୍କାସନ କରି ବଦଳାଇବା କଥା। କିନ୍ତୁ ମାସ ମାସ ବିତିଯାଉଥିଲେ ହେଁ ଏଥିପ୍ରତି କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏହିସବୁ ଐତିହ୍ୟ ପୁଷ୍କରିଣୀ ମନ୍ଦିର ପରିସରରେ ଥିବାରୁ ଏଠାକୁ ପ୍ରତିଦିନ ଆସୁଥିବା ଶହ ଶହ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ର ପାଲଟିଥାଏ। ହେଲେ ବର୍ତ୍ତମାନ ସେହି ପୁଷ୍କରିଣୀ ଆକର୍ଷଣ ପାଇଁ ବାଧା ସାଜୁଛି ଅପରିଷ୍କାର ପାଣି।

ସେହିପରି ବକ୍ରେଶ୍ୱର ମନ୍ଦିର କୂପ ବର୍ତ୍ତମାନ ଅଳିଆ ଓ ପ୍ଲାଷ୍ଟିକ୍ ବୋତଲରେ ପରିପୂର୍ଣ୍ଣ। ଅନ୍ୟପଟେ ଅନନ୍ତ ବାସୁଦେବ ମନ୍ଦିରର କୂପ କଂକ୍ରିଟ ପକାଇ ପୋତି ହୋଇଯିବାର ଅନେକଥର ଅଭିଯୋଗ ହେଲାଣି। ଏପରି କେଉଁଠି ପୋତି ହୋଇଯାଉଛି ତ କେଉଁଠି ଗଛଲତା ମାଡ଼ି ବଣ ହୋଇଗଲାଣି। ବିନ୍ଦୁସାଗର, ନନ୍ଦକୁଣ୍ଡ ପୁଷ୍କରିଣୀ, ଦେବୀ ପାଦହରା, କେଦାରଗୌରୀ, ଗୋସାଗରେଶ୍ୱର, ରାମେଶ୍ୱର ଆଦି ୧୫ରୁ ଊର୍ଦ୍ଧ୍ୱ ପୁଷ୍କରିଣୀ ପରିତ୍ୟକ୍ତ ହେବାକୁ ବସିଲାଣି। ଯେଉଁ ମନ୍ଦିରକୁ ପର୍ଯ୍ୟଟକ ଅଧିକ ଆସୁଛନ୍ତି, ସେଠାରେ ଏଏସ୍‌ଆଇ ଏତିପ୍ରତି ଅବହେଳା କରୁଥିବା ସ୍ଥାନୀୟ ଲୋକ ମତ ଦେଉଛନ୍ତି।



**ନୀଲ୍-ହଂସ କେଲେଙ୍କାରୀ...**

## ଦୁଇ କରିତ୍‌କର୍ମାଙ୍କୁ ଜେରା କରିବ ଆୟକର ବିଭାଗ

ଭୁବନେଶ୍ୱର, ୧୫।୧(ସମିସ): ବହୁ ଚର୍ଚ୍ଚିତ ହଂସିତା ଅଭିଲିପ୍‌ସା ଓ ଅନୀଲ୍ ମହାନ୍ତିଙ୍କ ଠକେଇର କଳା ସାମ୍ରାଜ୍ୟ ଚିଠା ଖୋଲିବ। ହଂସିତା ଓ ଅନୀଲ୍‌ଙ୍କ ସମ୍ପତ୍ତି ଉତ୍ସ ଖୋଜିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଉଭୟଙ୍କୁ ଜେରା କରିବାକୁ ଅଣ୍ଟା ଭିଡ଼ିଛି ଆୟକର ବିଭାଗ। ଦୁଇ କରିତ୍‌କର୍ମାଙ୍କୁ ପଚରାଉଚରା ପାଇଁ କୋର୍ଟରେ ଆବେଦନ କରିଛି ଆୟକର ବିଭାଗ। କୋର୍ଟ ଅନୁମତି ଦେବା ପରେ ଝାରପଡ଼ା ଜେଲ୍‌ରେ ଉଭୟଙ୍କୁ ଜେରା କରିବ ତଦନ୍ତକାରୀ ଟିମ୍।

ମିଳିଥିବା ସୂଚନା ଅନୁଯାୟୀ, ହଂସିତା ଓ ଅନୀଲ୍‌ଙ୍କ ଲିଙ୍କ୍‌ରେ ଥିବା ଉଭୟଙ୍କ ଘର, ଫାର୍ମହାଉସ୍, କାର୍ଯ୍ୟାଳୟ ଏବଂ ସମ୍ପର୍କୀୟଙ୍କ ଘରେ ଚଢ଼ଉ କରାଯାଇଥିଲା। ଭୁବନେଶ୍ୱର, ଦିଲ୍ଲୀ, ଝାଡ଼ଖଣ୍ଡ, କୋଲକାତା, ଗଞ୍ଜାମ ଓ କନ୍ଧମାଳର ୧୪ଟି ସ୍ଥାନରେ ଏକକାଳୀନ ଚଢ଼ଉ ଜାରି କରାଯାଇଥିଲା। ବ୍ୟାଙ୍କରେ କେଜିଏ ସୁନା, ଘରୁ ବିପୁଳ ସୁନା ଓ ହୀରା ଅଳଙ୍କାର, ନଗଦ ଟଙ୍କା, ଲାପ୍‌ଟପ୍, କାଗଜପତ୍ର, ଡିଜିଟାଲ ଡିଭାଇସ୍‌କୁ ଆୟକର ବିଭାଗ ଜବତ କରିଥିଲା। ଏମିତିକି ଉଭୟଙ୍କ କୋଟି କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ରହିଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି। ତେଣୁ ଠାବ ହୋଇଥିବା ସମ୍ପତ୍ତିକୁ ନେଇ ଉଭୟଙ୍କୁ ପଚରାଉଚରା କରାଯିବ ବୋଲି ଜଣାପଡ଼ିଛି। ଅନୁରୂପ ଭାବେ ହଂସିତା ଓ ଅନୀଲ୍‌ଙ୍କ ବିରୋଧରେ ପ୍ରମାଣ ଯୋଗାଡ଼ରେ ଲାଗି ପଡ଼ିଛି କମିସନରେଟ୍ ପୁଲିସ। ସାକ୍ଷୀମାନେ ମତ ବଦଳାଉଥିବାରୁ ପୁଲିସ ଅଡୁଆରେ ପଡ଼ିଛି। ଗୁରୁବାର ଜାମିନ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ଏହି ମାମଲାର କେସ୍ ଡାଏରୀ କମିସନରେଟ୍ ପୁଲିସ ଗୁରୁବାର ଦାଖଲ କରିବ ବୋଲି ଜଣାପଡ଼ିଛି। ପୂର୍ବରୁ କେସ୍ ଡାଏରୀ ଦାଖଲ କରିପାରି ନ ଥିବାରୁ ଉଭୟଙ୍କ ଜାମିନ ଆବେଦନ ଶୁଣାଣି ଘୁଞ୍ଚିଥିଲା।



# ଭୁବନେଶ୍ୱର ସିଟି

### କର୍ପୋରେସନରେ ପୁଣି ଭେଇକିଲ୍ ଟେଣ୍ଡର ଝଡ଼

# ଅଜଣା ଗାଡ଼ି ନାଁରେ ବିଲ୍ ଦାଖଲ; ବର୍ଷିଲେ କର୍ପୋରେଟର

**ଖୋଲୁଛି ବିଏମ୍‌ସି ଇଞ୍ଜିନିୟରଙ୍କ ବଦଳି ରହସ୍ୟ**

ଭୁବନେଶ୍ୱର, ୧୫।୧(ସମିସ): ଭେଇକିଲ୍ ଟେଣ୍ଡର ଝଡ଼ ଥମିବାର ନାଁ ଧରୁନି। ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଯୁଆଡ଼େ ଚାହିଁବ କେଳେଙ୍କାରୀ ଗନ୍ଧ। ଅଧିକାରୀମାନେ ଲୁଚାଇବାକୁ ବ୍ୟାପକ ଉଦ୍ୟମ କରୁଥିଲାବେଳେ ଗୋଟିଏ ପରେ ଗୋଟିଏ କଳାକାରନାମା ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ପ୍ରଥମେ ଜଣେ ବିଭାଗୀୟ ଅତିରିକ୍ତ ଯନ୍ତ୍ରୀ ଅଭିମନ୍ୟୁ ବେହେରା ଏବଂ ଏବେ ବିଭାଗୀୟ ମୁଖ୍ୟ ଅଧିକାରୀ ଅଶୋକ ଲେଙ୍କାଙ୍କୁ ବିଏମ୍‌ସିରୁ ବଦଳି କରାଗଲା। ଏହାସତ୍ତ୍ୱେ ଟେଣ୍ଡର ବାତିଲ୍ ନ କରି ଠିକା ସଂସ୍ଥାକୁ ବଞ୍ଚାଇବାକୁ ଚାଲିଛି ଭରପୂର ଉଦ୍ୟମ। ଏବେ ଅଜଣା ଗାଡ଼ି ନାମରେ ଠିକାସଂସ୍ଥା ବିଲ୍ କରାଇବାକୁ ଉଦ୍ୟମ କରୁଥିବା ନେଇ ବିଏମ୍‌ସି କର୍ପୋରେସନ ବୈଠକରେ ସାଂଘାତିକ ଅଭିଯୋଗ ଆଣିଛନ୍ତି କର୍ପୋରେଟର ନୃପେଶ ନାୟକ। ବିବାଦୀୟ ଟେଣ୍ଡରକୁ ନେଇ ବିଏମ୍‌ସି ଛବି ଖରାପ ହେଉଥିବାରୁ ଏହାକୁ ବାତିଲ୍ କରିବାକୁ ଅଧିକାଂଶ କର୍ପୋରେଟର ଏବେ ଦାବି କଲେଣି। ଏହାସତ୍ତ୍ୱେ ତଦନ୍ତର ବାହାନା ଦେଖାଇ ସମୟ ଗଡ଼ାଇ ଚାଲିଛନ୍ତି ଅଧିକାରୀମାନେ।

ଭେଇକିଲ୍ ଟେଣ୍ଡର ବିବାଦୀୟ ହେବା ସତ୍ତ୍ୱେ ସଂସ୍ଥା ବିଏମ୍‌ସିରେ କାମ କରୁଛି। ଏକାଧିକ ଗାଡ଼ି ବିଲ୍ ପାସ୍ କରାଇବାକୁ ସଂସ୍ଥା ପକ୍ଷରୁ ବିଏମ୍‌ସିରେ କାଗଜପତ୍ର ଦାଖଲ କରାଗଲା। ହେଲେ ଏହି ବିଲ୍‌ରେ ଏକାଧିକ ଗାଡ଼ି ନମ୍ବରକୁ ନେଇ କର୍ପୋରେଟରଙ୍କ ସନ୍ଦେହ ବଢ଼ିଥିଲା। ଏଥିରେ ଏକ ଜେସିବି ନମ୍ବର ରହିଛି। ଏହି ଜେସିବିର ମାଲିକଙ୍କ ସହ ଶ୍ରୀ ନାୟକ ଯୋଗାଯୋଗ କରିଥିଲେ। ହେଲେ ଉକ୍ତ ସଂସ୍ଥା ଅଧୀନରେ ସମ୍ପୃକ୍ତ ଗାଡ଼ି ମାଲିକ କୌଣସି ଗାଡ଼ି ଲଗାଇ ନାହାନ୍ତି ବୋଲି ଶ୍ରୀ ନାୟକଙ୍କୁ କହିଥିଲେ। ସଂସ୍ଥା ପକ୍ଷରୁ ଦାଖଲ କରାଯାଇଥିବା ବିଲ୍‌ରେ କିଛି ଅଧିକାରୀ ଦସ୍ତଖତ କରି ବିଲ୍‌ର ଫାଇଲ୍ ଆଗକୁ ନେଇଥିବା ଜଣାପଡ଼ିଛି। ଧରାପଡ଼ି ନ ଥିଲେ ବିଲ୍ ପାସ୍ ହୋଇଯାଇଥା'ନ୍ତା। ପୂର୍ବରୁ ଭେଇକିଲ୍ ଟେଣ୍ଡରରେ ଆମୂଳଚୂଳ କେଳେଙ୍କାରୀ ହେଲା ପରେ ଏବେ ମିଛ ବିଲ୍ କରାଯାଇ ବିଏମ୍‌ସି ଟଙ୍କା ହରିଲୁଟ୍ ଉଦ୍ୟମ କରାଯାଉଛି ବୋଲି କର୍ପୋରେସନ ବୈଠକରେ ଶ୍ରୀ ନାୟକ ଗର୍ଜିବାକୁ ଲାଗିଲେ। ଏପରିକି ବିନା କୌଣସି ଚିଠି ନମ୍ବର ଏବଂ ଅଧିକାରୀଙ୍କ ଦସ୍ତଖତ ଥିବା ଏକ ତଦନ୍ତ ରିପୋର୍ଟକୁ ସେ ଚିରି ଫୋପାଡ଼ି ଦେଇଥିଲେ।



ସେପଟେ ସହକାରୀ ଯନ୍ତ୍ରୀ ଅଭିମନ୍ୟୁ ବେହେରାଙ୍କ ବଦଳି ପଛର ରହସ୍ୟ ଏବେ ସାମ୍ନାକୁ ଆସିବାରେ ଲାଗିଛି। ବିଭାଗରେ ଜଣେ ବି ଯନ୍ତ୍ରୀ ନ ଥିଲେ ମଧ୍ୟ ଶ୍ରୀ ବେହେରାଙ୍କୁ ବିଏମ୍‌ସିରୁ ବଦଳି କରାଗଲା। ସେ କୁଆଡ଼େ ଏଭଳି ବେଆଇନ କାମକୁ ବିରୋଧ କରୁଥିଲେ। ଜଣେ ଯନ୍ତ୍ରୀଙ୍କ ଅନୁପସ୍ଥିତି ଯୋଗୁଁ ନିୟମକୁ ଯନ୍ତ୍ରୀ ନାହାନ୍ତି ଆଳରେ ସହଜରେ ଉଲ୍ଲଂଘନ କରିହେବ। ଟେଣ୍ଡର ସର୍ତ୍ତ ଯେପରିକି ଗାଡ଼ି ଲଗାଇବା ପୂର୍ବରୁ ଏହାର ମାଲିକାନା ସମେତ ସଂସ୍ଥା ସହ ହୋଇଥିବା ଚୁକ୍ତିପତ୍ର ଦାଖଲ କରିବାକୁ ପଡ଼ିଥାଏ, ଗାଡ଼ିର ମାଲିକାନା, ଆର୍‌ସି ପ୍ରଭୃତି ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ କରାଯାଏ। ହେଲେ ଯନ୍ତ୍ରୀ ନାହିଁ କହି କେହି ବି ଯାଞ୍ଚରୁ ଖସି ଯାଇପାରିବେ। ତେବେ ବିଭାଗୀୟ ପୂର୍ବତନ ଡିସିଙ୍କୁ ବଞ୍ଚାଇବାକୁ ଶ୍ରୀ ବେହେରାଙ୍କୁ ବିଏମ୍‌ସିରୁ ହଟାଇ ଦିଆଗଲା ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଭେଇକିଲ୍ ଟେଣ୍ଡର ତଦନ୍ତ ରିପୋର୍ଟ କର୍ପୋରେଟରଙ୍କୁ ଦିଆଯାଇଛି। ଏହା ସହ ଏକ କମିଟି ଗଠନ କରାଯିବ। ଏଥିରେ ୪ କର୍ପୋରେଟର, ମେୟର ଏବଂ ବିଏମ୍‌ସିର ବରିଷ୍ଠ ଅଧିକାରୀମାନେ ରହିବେ। ଏହି କମିଟି ଏହାକୁ ଯାଞ୍ଚ କରିବ ବୋଲି କର୍ପୋରେସନ ବୈଠକରେ ନିଷ୍ପତ୍ତି ହୋଇଛି।

### ବିଏମ୍‌ସିର ସାଧାରଣ ପରିଷଦ ବୈଠକ

## ନିଯୁକ୍ତ ହେବେ ୭ ଉତ୍ସର୍ଗୀକୃତ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍

ଭୁବନେଶ୍ୱର, ୧୫।୧(ସମିସ): ବିଏମ୍‌ସିର ୨୭ତମ ସାଧାରଣ ପରିଷଦ ବୈଠକ ବିଏମ୍‌ସି ଏକାମ୍ର ହଲ୍‌ରେ ଅନୁଷ୍ଠିତ ହୋଇଥିଲା। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କମିସନର ରାଜେଶ ପ୍ରଭାକର ପାଟିଲ, ଅତିରିକ୍ତ କମିସନର ଶୁଭେନ୍ଦୁ କୁମାର ସାହୁ, ରତ୍ନାକର ସାହୁ, ସସ୍ମିତା ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ୭ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌କୁ ବିଏମ୍‌ସି ନିଯୁକ୍ତି ଦେବ। ଏହି ଉତ୍ସର୍ଗୀକୃତ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ରାସ୍ତାଘାଟ ଭେଣ୍ଡିଂ ନିୟନ୍ତ୍ରଣ, ଜବରଦଖଲ ଅପସାରଣ, ତଦାରଖ, ବାଣିଜ୍ୟ ଲାଇସେନ୍ସ, ଓଡ଼ିଶା ବିକାଶ ପ୍ରାଧିକରଣ ବା ଓଡିଏ ନିର୍ଦ୍ଦେଶର କାର୍ଯ୍ୟକାରିତା, ସଚେତନତା ଅଭିଯାନ ଏବଂ ସକ୍ରିୟ ଯୋଜନା ପ୍ରଚେଷ୍ଟା ନିମନ୍ତେ କାର୍ଯ୍ୟକରିବେ। କ୍ୟାପିଟାଲ ହସ୍ପିଟାଲ ଫେରାଇ ଦେଇଥିବା ଆମ୍ବୁଲାନ୍ସକୁ ବିଏମ୍‌ସି ହସ୍ପିଟାଲରେ ରଖିବା ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଛି। ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ ଜଣାଇବା ପାଇଁ ବିଭିନ୍ନ ରାସ୍ତାରୁ ହଟାଇ ଦିଆଯାଇଥିବା ଉଠା ଦୋକାନୀଙ୍କୁ ସେହି ୱାର୍ଡରେ ବ୍ୟବସାୟ କରିବା ପାଇଁ ବ୍ୟବସ୍ଥା କରାଯିବ। ଏଥିପାଇଁ ପ୍ରତି ୱାର୍ଡରେ ଜମି ଚିହ୍ନଟ କରିବାକୁ ସମସ୍ତ କର୍ପୋରେଟରଙ୍କୁ ମେୟର ଅନୁରୋଧ କରିଛନ୍ତି। ଏହା ବ୍ୟତୀତ ପ୍ରତି ୱାର୍ଡରେ ହେବାକୁ ଥିବା ନେବରଉଡ୍ ମାର୍କେଟ୍‌ରେ ମଧ୍ୟ ଉଚ୍ଛେଦ ଦୋକାନୀଙ୍କୁ ଥଇଥାନ କରିବା ପାଇଁ ଆଲୋଚନା ହୋଇଛି। ୱାର୍ଡ ଅଫିସର ଓ ସାନିଟାରୀ ଇନ୍ସପେକ୍ଟରମାନଙ୍କୁ ପ୍ରତି ଦୁଇ ବର୍ଷରେ ଗୋଟିଏ ୱାର୍ଡରୁ ଅନ୍ୟ ୱାର୍ଡକୁ ବଦଳି କରାଯିବାକୁ ମଧ୍ୟ ବୈଠକରେ ନିଷ୍ପତ୍ତି ହୋଇଛି। ଏହା ବ୍ୟତୀତ ୱାର୍ଡରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ସମସ୍ତ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ, ଅଧ୍ୟକ୍ଷା, ସମସ୍ତ କର୍ପୋରେଟର, ସାଂସଦ ଓ ବିଧାୟକଙ୍କ ପ୍ରତିନିଧି, ଲାଇନ୍ ଡିପାର୍ଟମେଣ୍ଟର ପ୍ରତିନିଧି ଏବଂ ବିଏମ୍‌ସିର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଅତିରିକ୍ତ କମିସନର ଶୁଭେନ୍ଦୁ କୁମାର ସାହୁ ସଂଯୋଜନା କରିଥିଲେ।

**ଉଚ୍ଛେଦ ଦୋକାନୀ ସେହି ୱାର୍ଡର ନିର୍ଦ୍ଦିଷ୍ଟ ସ୍ଥାନରେ କରିବେ ବ୍ୟବସାୟ**

## ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ସହ ବିଏମ୍‌ସିର ଏମ୍‌ଓୟୁ ସ୍ୱାକ୍ଷରିତ

**ବିଏମ୍‌ସିର ହ୍ୱାଟ୍ସଆପ୍ ଚାର୍ଟବୋଟ୍: ନାଗରିକଙ୍କ ସମସ୍ତ ସମସ୍ୟାର ହେବ ସହଜ ସମାଧାନ**

ଭୁବନେଶ୍ୱର, ୧୫।୧(ସମିସ): ମୋବାଇଲ୍ ହ୍ୱାଟ୍ସଆପ୍ ଚାର୍ଟବୋଟ୍ ଜରିଆରେ ଏଣିକି ନାଗରିକମାନେ ହୋଲ୍ଡିଂ ଟିକସ, ଘରଭଡ଼ା, ଦୋକାନ ଘରଭଡ଼ା ଆଦି ସମସ୍ତ ଟିକସ ପୈଠ କରିବା ସହ ବିଭିନ୍ନ ସମସ୍ୟା ମଧ୍ୟ ଉପସ୍ଥାପନ କରିପାରିବେ। ଏଥିପାଇଁ ବୁଧବାର ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ସହ ଏକ ତ୍ରିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ହ୍ୱାଟ୍ସଆପ୍ ଚାର୍ଟବୋଟ୍ ଦ୍ୱାରା ପ୍ରସ୍ତୁତ ଏହି ସଫ୍ଟୱେରରେ ନାଗରିକମାନେ ନିଜ ଘର କିମ୍ବା ଦୋକାନର ହୋଲ୍ଡିଂ ନମ୍ବର ଲେଖିଥିଲେ, ଏଆଇ ମାଧ୍ୟମରେ ତାଙ୍କର ସମସ୍ତ ତଥ୍ୟ ବାହାରି ପଡ଼ିବ। କେତେଦିନ ହେଲା ଟିକସ ବା ଭଡ଼ା ଦେଇନାହାନ୍ତି, କେତେ ଟଙ୍କା ଦେବାକୁ ହେଉଛି। ତେଣୁ ନାଗରିକଙ୍କୁ ଆଉ ବାରମ୍ବାର ୱାର୍ଡ ଅଫିସ କିମ୍ବା ବିଏମ୍‌ସି ମୁଖ୍ୟାଳୟକୁ ଦୌଡ଼ିବାକୁ ପଡ଼ିବ ନାହିଁ। ସେହିପରି ଭେଣ୍ଡିଂ ଜୋନ୍, ବିଭିନ୍ନ ମାର୍କେଟ୍ କମ୍ପ୍ଲେକ୍ସ, ମାର୍କେଟ୍ ଆଦି ପରିଚାଳନା ଓ ଟିକସ ବା ଭଡ଼ା ଆଦାୟ ପାଇଁ ଏମରଟେକ୍ ଆର୍‌ଏନ୍‌ଡି ସଲ୍ୟୁସନ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଏକ ସଫ୍ଟୱେର ପ୍ରସ୍ତୁତ କରାଯାଉଛି। ଏପରି ବ୍ୟବସ୍ଥା ଲାଗୁ କରିବାରେ ଭୁବନେଶ୍ୱର ଦେଶର ପ୍ରଥମ ସହର ହେବ ବୋଲି ଉଭୟ ବିଏମ୍‌ସି ଓ ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

## ଫଳକରେ କାଳିବୋଳା ଘଟଣା; ଏତଲା ଦେବ ବିଏମ୍‌ସି

ଭୁବନେଶ୍ୱର, ୧୫।୧(ସମିସ): ବିଏମ୍‌ସି ୱାର୍ଡ ନମ୍ବର ୩୭ରେ ଶୌଚାଳୟ ଫଳକ କାଳିବୋଳା ଘଟଣାକୁ ନେଇ ବିଏମ୍‌ସି କର୍ପୋରେସନରେ ହୋହଲ୍ଲା ହୋଇଥିଲା। ଶାସକ ଦଳର କର୍ପୋରେଟରମାନେ ଏହାକୁ ନିନ୍ଦା କରିଥିଲେ। ଏହି ଘଟଣାରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଏମ୍‌ସି ପକ୍ଷରୁ ଥାନାରେ ଏତଲା ଦିଆଯିବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହେଇଛି। ଅନ୍ୟପକ୍ଷରେ ଏହି ଘଟଣା ଆଲୋଚନା ଚାଲୁଥିଲାବେଳେ ଭୁବନେଶ୍ୱର ମଧ୍ୟ ବିଧାୟକଙ୍କ ବିରୋଧରେ କର୍ପୋରେଟର ବନ୍ଦିତା ପାଲ୍ ନାରାବାଜୀ କରିଥିଲେ। ମଧ୍ୟ ବିଧାୟକ ଗୃହରେ ନ ଥିଲାବେଳେ ତାଙ୍କ ବିରୋଧରେ ଏଭଳି ନାରାବାଜୀ କରିବାକୁ କର୍ପୋରେଟରମାନେ ବିରୋଧ କରିଥିଲେ। ଏହାପରେ ବନ୍ଦିତାଙ୍କ ବିରୋଧରେ ନିନ୍ଦା ପ୍ରସ୍ତାବ ଆଗତ କରାଯାଇଥିଲା।

## ଜୟଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାଲିଅନ୍ତା, ୧୫।୧(ସମିସ): ବାଲିଅନ୍ତା ବ୍ଲକ ଅଧୀନ ପ୍ରତାପରୁଦ୍ରପୁର ସ୍ଥିତ ଜୟଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଏବଂ ପୁରସ୍କାର ବିତରଣ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ପ୍ରଧାନଶିକ୍ଷକ ମନୋରଞ୍ଜନ ପ୍ରହରାଜ ସଭାପତିତ୍ୱ କରିଥିଲେ। ମାର୍କଫେଡ୍ ଅଧ୍ୟକ୍ଷା କବିତା ମଞ୍ଜରୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବ ଶୁଭାରମ୍ଭ କରିଥିଲେ। ପୁରାତନ ଛାତ୍ର ପରିଷଦର ସଭାପତି ଅଭିମନ୍ୟୁ ପଣ୍ଡା ଏବଂ ବିଦ୍ୟାଳୟ ପରିଚାଳନା ସଭାପତି ସରୋଜକାନ୍ତ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପରିଚାଳନା କମିଟିର ଅନ୍ୟ



ସଦସ୍ୟମାନେ ଉପସ୍ଥିତ ଥିଲେ। କନିଷ୍ଠ ଓ ବରିଷ୍ଠ ବିଭାଗରେ ୮ ପ୍ରକାର କ୍ରୀଡ଼ା ପାଇଁ ପୁରସ୍କାର ବିତରଣ କରାଯାଇଥିଲା। ଏନର୍ଜି କ୍ଲବ୍ ଓ ଚାରୋଟି ହାଉସ୍ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଖଟୁଆ ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ/ଶିକ୍ଷୟିତ୍ରୀ ଏବଂ ସ୍କୁଲ ପରିଚାଳନା କମିଟି ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଜେଇଏମ୍ ସ୍କୁଲର ୫୧ତମ ବାର୍ଷିକ ଉତ୍ସବ 'ଡ୍ରିମ୍‌ସ୍କେପ୍'




ଭୁବନେଶ୍ୱର, ୧୫।୧(ସମିସ): ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ(ବିଜେଇଏମ୍) ବିଦ୍ୟାଳୟର ୫୧ତମ ବାର୍ଷିକ ଉତ୍ସବ 'ଡ୍ରିମ୍‌ସ୍କେପ୍' ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଯୋଗଦେଇ କହିଛନ୍ତି ଯେ ଶିକ୍ଷା ସହ ସମାନ୍ତରାଳ ଭାବେ କଳା ଓ କ୍ରୀଡ଼ା ଛାତ୍ରଛାତ୍ରୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ପିଲାଙ୍କ ଅନ୍ତର୍ନିହିତ ଗୁଣର ବିକାଶ ପାଇଁ ଏହା ଉତ୍କୃଷ୍ଟ ମଞ୍ଚ। ଜୀବନରେ ଭଲ ମଣିଷ ହେବାକୁ ପ୍ରୟାସ କରିବା ପାଇଁ ସେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି। ସମ୍ମାନିତ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟଶିଳ୍ପୀ ସୁଜାତା ମହାପାତ୍ର ଯୋଗଦେଇ ବିଦ୍ୟାର୍ଥୀ ଜୀବନ ସର୍ବଦା ଶୃଙ୍ଖଳିତ ହେବା ଆବଶ୍ୟକ ବୋଲି କହିଛନ୍ତି। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ଆଇଏଏସ୍ ତଥା ବିଦ୍ୟାଳୟର ସଭାପତି ରଘୁନାଥ ମିଶ୍ର ଯୋଗଦେଇ ପିଲାଙ୍କ ଅନ୍ତର୍ନିହିତ ଗୁଣର ବିକାଶ ସହ ଦାୟିତ୍ୱବୋଧ ସୃଷ୍ଟି କରିବାକୁ ପ୍ରାଥମିକତା ଦିଆଯାଇଥିବା କହିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟିର ପରିଚାଳକ ପ୍ରତାପ କୁମାର ଜେନା ଅନ୍ୟାୟ ଅନୀତି ପାଖରେ ମୁଣ୍ଡ ନ ନୁଆଁଇ, ସମର୍ପଣ ଓ ବୀରତ୍ୱ ଭାବ ପ୍ରଦର୍ଶନ କରିବାକୁ ଛାତ୍ରଛାତ୍ରୀଙ୍କୁ କହିଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷା ସନ୍ଧ୍ୟା ଜେନା ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଉପାଧ୍ୟକ୍ଷା ପଲ୍ଲବୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟି ଓ ବିଜେ ଏଜୁକେସନ୍ ସୋସାଇଟିର ସଦସ୍ୟବୃନ୍ଦ, ଉପପରିଚାଳକ ଅନୁପ ପଟ୍ଟନାୟକ, ପର୍ଯ୍ୟବେକ୍ଷକ ବରଦା ପ୍ରସାଦ ପାଇକରାୟ, ସ୍ମିତା ମହାନ୍ତି, ସୁଚରିତା ଦାସ, ଲକ୍ଷ୍ମୀଧର ମଲ୍ଲିକ, ଶିକ୍ଷକଶିକ୍ଷୟିତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ। ଉତ୍ସବରେ ୪୫ରୁ ଅଧିକ ବିଭିନ୍ନ ସ୍ମୃତି ସମ୍ମାନ ସହ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଛି।

## ଜିଲ୍ଲାସ୍ତରୀୟ ଏନ୍‌ଏସ୍‌ଏସ୍ ଶିବିର ଉଦ୍‌ଯାପିତ

ଭୁବନେଶ୍ୱର, ୧୫।୧(ସମିସ): କମଳା ନେହରୁ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଏନ୍‌ଏସ୍‌ଏସ୍ ଶିବିର ଉଦ୍‌ଯାପିତ ହୋଇଯାଇଛି। ତିନିଦିନିଆ ଶିବିରରେ ୯ଟି କଲେଜର ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରି ସାମାଜିକ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଅବଗତ ହୋଇଛନ୍ତି। ଏହାସହ ସେମାନଙ୍କ ମଧ୍ୟରେ କୁଇଜ୍, ସଙ୍ଗୀତ, ଶ୍ଳୋକ ଆବୃତ୍ତି ପ୍ରତିଯୋଗିତା ସମେତ ଯୋଗ ଶିକ୍ଷା ଦିଆଯାଇଛି। ବିଶେଷଜ୍ଞମାନେ ବିଭିନ୍ନ ସତ୍ରରେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ କରିଛନ୍ତି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଏନ୍‌ଏସ୍‌ଏସ୍ ରାଜ୍ୟ ନିର୍ଦ୍ଦେଶକ ସରିତା ପଟେଲ ଓ ବିଶେଷ ଅତିଥି ଭାବେ ରାଜ୍ୟ ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଛନ୍ତି। ବେଦୁଲା ରାମଲକ୍ଷ୍ମୀ ସ୍ୱାଗତ ଭାଷଣ ଦେଇଥିବାବେଳେ କମଳା ନେହରୁ କଲେଜର ଅଧ୍ୟକ୍ଷ ଡ. ସୁଶାନ୍ତ କୁମାର ପଟ୍ଟନାୟକ ଏନ୍‌ଏସ୍‌ଏସ୍‌ର ଉଦ୍ଦେଶ୍ୟ ଏବଂ ଶିବିରର ଗୁରୁତ୍ୱ ସମ୍ପର୍କରେ ଅବଗତ କରିଥିଲେ। ଶେଷରେ କାର୍ଯ୍ୟକ୍ରମର ସଂଯୋଜକ ତୁଷାରକାନ୍ତ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।



## ନେତାଜୀଙ୍କ ଜୟନ୍ତୀ ଉପଲକ୍ଷେ ଭାସ୍କର୍ଯ୍ୟ ଓ ଚିତ୍ରକଳା ଶିବିର



ଭୁବନେଶ୍ୱର, ୧୫।୧(ସମିସ): ପରାକ୍ରମ ଦିବସ ଭାବରେ ପାଳନ କରାଯାଉଥିବା ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଆସନ୍ତା ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ କଟକ ବାରବାଟୀ ଦୁର୍ଗରେ ଆୟୋଜିତ ହେବ। ଏହି ଅବସରରେ ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ତଥା ଲଳିତକଳା ଏକାଡେମୀ ପକ୍ଷରୁ ଏକ ଭାସ୍କର୍ଯ୍ୟ ଏବଂ ଚିତ୍ରକଳା ଶିବିର ଆୟୋଜିତ ହେଉଛି। ଯାହା ଚଳିତ ମାସ ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ଚାଲୁରହିବ ଏବଂ ଶିବିର ଅବଧିରେ ହେବାକୁ ଥିବା କାର୍ଯ୍ୟଗୁଡ଼ିକ ବାରବାଟୀ ଦୁର୍ଗରେ ଆୟୋଜିତ ପ୍ରଦର୍ଶନୀରେ ପ୍ରଦର୍ଶିତ ହେବ। ପରାକ୍ରମ ଦିବସ ଉପରେ ଏନେଇ ସମସ୍ତ ଶିଳ୍ପୀ ଏବଂ ଚିତ୍ରକର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଉପରେ କାର୍ଯ୍ୟ କରୁଛନ୍ତି। ଯେଉଁଥିରେ ମୋଟ ୫ଜଣ ଶିଳ୍ପୀ ଭାସ୍କର୍ଯ୍ୟ ମାଧ୍ୟମରେ କାର୍ଯ୍ୟ କରୁଛନ୍ତି ଏବଂ ୨୫ ଜଣ ଚିତ୍ରଶିଳ୍ପୀ ସୁଭାଷ ବୋଷଙ୍କ ଉପରେ ଚିତ୍ର ଅଙ୍କନ କରୁଛନ୍ତି। ଭୁବନେଶ୍ୱର ଲଳିତକଳା ଏକାଡେମୀ ଆଞ୍ଚଳିକ କେନ୍ଦ୍ର ପରିସରରେ ମଙ୍ଗଳବାର ଏହି ଶିବିର ଉଦ୍‌ଘାଟିତ ହୋଇଯାଇଛି। ଶିବିରର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଲଳିତକଳା ଏକାଡେମୀ ଆଞ୍ଚଳିକ କେନ୍ଦ୍ରର ଆଞ୍ଚଳିକ ସଚିବ ରାମକୃଷ୍ଣ ବେଦାଲା ଅତିଥିଙ୍କୁ ସ୍ୱାଗତ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ଜୟନ୍ତ ଦାସ, ରବିନାରାୟଣ ରଥ, ଡ. ପଞ୍ଚାନନ ସାମଲ, ଡ. ଚକ୍ରଧର ବେହେରା, ଅମର ଜେନା ଏବଂ ଅନ୍ୟାନ୍ୟ ଶିଳ୍ପୀମାନେ ଉପସ୍ଥିତ ଥିଲେ।

## ନନ୍ଦନକାନନ ଜଗନ୍ନାଥ ମନ୍ଦିରରେ ଅନ୍ନପ୍ରସାଦ ସେବା ଆରମ୍ଭ

ନନ୍ଦନକାନନ, ୧୫।୧(ସମିସ): ନନ୍ଦନକାନନ ଛକସ୍ଥିତ କାନନକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ବୁଧବାରଠାରୁ ଅନ୍ନପ୍ରସାଦ ସେବା ଆରମ୍ଭ ହୋଇଛି। ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ ଭକ୍ତିଭାବରେ ପ୍ରସାଦସେବନ ସେବାର ଶୁଭାରମ୍ଭ କରିଛନ୍ତି। ମନ୍ଦିର ପରିଚାଳାନା କମିଟିର ସଭାପତି ସୁବାସ ଚନ୍ଦ୍ର ପାତ୍ର, ମୁଖ୍ୟ ଉପଦେଷ୍ଟା ରବୀନ୍ଦ୍ର ପାତ୍ର, ରଘୁନାଥପୁର ଗ୍ରାମ ସଭାପତି ନବଘନ ପାତ୍ର, ବାବାଜୀ ପ୍ରଧାନ, ସରପଞ୍ଚ ଖୁଲଣା ମାଝୀଙ୍କ ସମେତ ବହୁଗ୍ରାମ ଓ ଅଞ୍ଚଳର ପ୍ରତିଷ୍ଠିତ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଅନ୍ନପ୍ରସାଦ, ଡାଲମା, ବେସର, ମହୁର, ଶାଗ, ଖଟା, କ୍ଷୀରି ସେବନ କରିଥିଲେ। ପ୍ରତିଦିନ ଭକ୍ତଙ୍କ ଲାଗି ପ୍ରସାଦ ବ୍ୟବସ୍ଥା କରାଯିବା ସହ ଜଣକ ପିଛା ୮୦ ଟଙ୍କା ମୂଲ୍ୟ ରଖାଯାଇଥିବା ମନ୍ଦିର ପ୍ରଶାସନ ଘୋଷଣା କରିଛନ୍ତି।

### ଦେଶରେ ବାର୍ଷିକ ୬୨ ନିୟୁତ ଟନ୍‌ରୁ ଅଧିକ ବର୍ଜ୍ୟ ନିର୍ଗମନ

# 'କଠିନ ବର୍ଜ୍ୟବସ୍ତୁ ପରିଚାଳନା ଏକ ଚିନ୍ତାର ବିଷୟ'



ଭୁବନେଶ୍ୱର, ୧୫।୧(ସମିସ): ଦ୍ରୁତ ସହରୀକରଣ, ଶିଳ୍ପାୟନ ଏବଂ ଜନସଂଖ୍ୟା ବୃଦ୍ଧି ହେତୁ ଭାରତରେ ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁ ପରିଚାଳନା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଭାବରେ ସମ୍ପ୍ରତି ଉଭା ହୋଇଛି। ଏପରି ଦୃଶ୍ୟପଟ୍ଟରେ ଜନସ୍ୱାସ୍ଥ୍ୟ ଓ ପରିବେଶୀୟ ସ୍ଥିରତା ରକ୍ଷା ତଥା ଜୀବନଶୈଳୀରେ ଉନ୍ନତି ଆଣିବା ନିମନ୍ତେ ପ୍ରଭାବଶାଳୀ ବର୍ଜ୍ୟବସ୍ତୁ ପରିଚାଳନା ଏକାନ୍ତ ଆବଶ୍ୟକ। ବର୍ଜ୍ୟବସ୍ତୁ ପରିଚାଳନା ପଦ୍ଧତିରେ ବର୍ଜ୍ୟବସ୍ତୁ ସଂଗ୍ରହ, ପୃଥକୀକରଣ, ପରିବହନ, ପ୍ରକ୍ରିୟାକରଣ ଏବଂ ନିଷ୍କାସନ ଅନ୍ତର୍ଭୁକ୍ତ ଅଟେ। କିନ୍ତୁ ସୀମିତ ଭିତ୍ତିଭୂମି, ସଚେତନତାର ଅଭାବ ଏବଂ ଅନୁପଯୁକ୍ତ ନିଷ୍କାସନ ଅଭ୍ୟାସ ଯୋଗୁଁ ଏହା ଗୁରୁତ୍ୱପୂର୍ଣ୍ଣ ଆହ୍ୱାନର ସମ୍ମୁଖୀନ ହୋଇ ବିଭିନ୍ନ ପରିବେଶୀୟ ଓ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟିର କାରଣ ପାଲଟିଛି। ଆକଳନ ଅନୁଯାୟୀ, ଦେଶରେ ବାର୍ଷିକ ୬୨ ନିୟୁତ ଟନ୍‌ରୁ ଅଧିକ ବର୍ଜ୍ୟବସ୍ତୁ ନିର୍ଗତ ହେଉଛି ବୋଲି ଓଡ଼ିଶା ପରିବେଶ ସମିତି ପକ୍ଷରୁ ଏ ସମ୍ପର୍କିତ ଏକ ଆଲୋଚନାଚକ୍ରରେ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି। ସଭାପତି ଡ. ସୁନ୍ଦର ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିବେଶ ମନ୍ତ୍ରଣାଳୟର ପୂର୍ବତନ ପରାମର୍ଶଦାତା ଡ. ବୀରେନ୍ଦ୍ର ପ୍ରତାପ ଉପାଧ୍ୟାୟ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ପୂର୍ବତନ ମୁଖ୍ୟ ଡ. ହାଡ଼ିବନ୍ଧୁ ପାଣିଗ୍ରାହୀ, ବୋର୍ଡର ପୂର୍ବତନ ମୁଖ୍ୟ ପରିବେଶ ବୈଜ୍ଞାନିକ ଡ. ସୂର୍ଯ୍ୟ ଶଙ୍କର ମିଶ୍ର ଏବଂ ଓଇଏସ୍ କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ ଆଲୋଚକ ଭାବରେ ଯୋଗଦେଇଥିଲେ। ସମ୍ପାଦକ ଇଂ ମନୋରଞ୍ଜନ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଯୁଗ୍ମ ସମ୍ପାଦକ ଡ. ସୁରଭି ଜୈନ କାର୍ଯ୍ୟକ୍ରମ ସଂଯୋଜନା ଏବଂ ଉପସଭାପତି ଡ. ଲାଲା ଏକେ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ବିଜୟ କେତନ ପଟ୍ଟନାୟକ, ଇଂ ଅଶୋକ ବେହେରା, ଜାଗୃତିରୁ ଶୁଭେନ୍ଦୁ ଶେଖର ମହାପାତ୍ର ଓ ହିମା ଦାସ, ରବି ନାରାୟଣ ଷଡ଼ଙ୍ଗୀ, ଡ. ସୁରଜିତ ପଟ୍ଟନାୟକ, ଇଂ ନୀଳେଶ ପଣ୍ଡା ଏବଂ ରୀନା ଅଗ୍ରୱାଲ ସେମାନଙ୍କ ମତାମତ ଉପସ୍ଥାପନ କରିଥିଲେ।



**ଆଜି ସରିବ ଆଦିବାସୀ ମେଳା**

# ଆକୃଷ୍ଟ କରୁଛି ଶିଆଳି ଲତାରୁ ପ୍ରସ୍ତୁତ ସାମଗ୍ରୀ



ଭୁବନେଶ୍ୱର, ୧୫।୧(ସମିସ): ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଆନୁକୂଲ୍ୟରେ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆଠାରେ ଅନୁଷ୍ଠିତ ହେଉଥିବା 'ଆଦିବାସୀ ମେଳା-୨୦୨୫' ଗୁରୁବାର ଶେଷ ହେବ। ଏଥିପାଇଁ ମେଳା ପରିସରରେ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ବିଭିନ୍ନ ଜନଜାତି ବର୍ଗ ଦ୍ୱାରା ଉତ୍ପାଦିତ ଓ ସଂଗୃହୀତ ସାମଗ୍ରୀର ବଜାର ଚାହିଦା ଏବେ ବଢ଼ିବାରେ ଲାଗିଛି। ଦିନକୁ ଦିନ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଅଗ୍ରଗତି ହେବାରେ ଲାଗିଛି। ସେହି ଅନୁସାରେ ଲୋକମାନଙ୍କର ଜୀବନଶୈଳୀରେ ମଧ୍ୟ ପରିବର୍ତ୍ତନ ଘଟୁଛି। ଅତ୍ୟାଧୁନିକ ସାମଗ୍ରୀର ବ୍ୟବହାର ବି ବେଶ୍ ବୃଦ୍ଧି ପାଇଥିବା ଦେଖିବାକୁ ମିଳୁଛି। କିନ୍ତୁ ଏହାରି ଭିତରେ ହଜି ଯାଇନି ପୁରାତନ କାଳର ପାରମ୍ପରିକ ଏବଂ ଜଙ୍ଗଲଜାତ ଦ୍ରବ୍ୟରୁ ପ୍ରସ୍ତୁତ ବିଭିନ୍ନ ସୌଖୀନ ସାମଗ୍ରୀର ଚାହିଦା। ଜଙ୍ଗଲରୁ ବିଭିନ୍ନ ସାମଗ୍ରୀ ସଂଗ୍ରହ କରି ଜୀବନ ଜୀବିକା ନିର୍ବାହ କରୁଥିବା ଜନଜାତି ସମ୍ପ୍ରଦାୟମାନେ ଏହାକୁ ନିଜର କୂଳବେଉସା ଭାବେ ଗ୍ରହଣ କରିଛନ୍ତି। ଯାହା ଦେଖିବାକୁ ମିଳିଥିଲା ଆଦିବାସୀ ମେଳାରେ। ମୟୂରଭଞ୍ଜ ଜିଲ୍ଲା କେନ୍ଦୁମୁଣ୍ଡି ଅଞ୍ଚଳର ସୋରେନ୍ ମାଙ୍କିଡ଼ିଆଙ୍କ ବୟସ ପ୍ରାୟ ୭୦ ଛୁଇଁଲାଣି। ଚମ ଧୁଡୁଧୁଡୁ ହାତରେ ବି ସେ ଦେଖାଉଥିଲେ ଶିଆଳି ଲତାରୁ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀର ପ୍ରସ୍ତୁତି ପ୍ରଣାଳୀ। ଟୋପି, ବ୍ୟାଗ୍, ଡଷ୍ଟବିନ୍, ଶିକା, ଆଦି ତିଆରି କରୁଛନ୍ତି। ଯାହା କେବଳ ଓଡ଼ିଶା କିମ୍ବା ଦେଶରେ ନୁହେଁ ବରଂ ପ୍ରବାସୀମାନଙ୍କ ପ୍ରଥମ ପସନ୍ଦ ପାଲଟିଥିବା ସେ କହିଛନ୍ତି। ବିଶେଷ କରି ସମୁଦ୍ର କୂଳରେ ବୁଲିବା ସମୟରେ ଏହି ଟୋପି ବ୍ୟବହାର କରିବାକୁ ପର୍ଯ୍ୟଟକ ଅଧିକ ପସନ୍ଦ କରୁଥିବାବେଳେ ସିଆଳି ଲତାରେ ତିଆରି ବ୍ୟାଗ୍ ମଧ୍ୟ କିଣୁଥିବା ସେ କହିଛନ୍ତି। ଏହି ପରମ୍ପରାକୁ ବଞ୍ଚାଇ ରଖିବାକୁ ବିଭିନ୍ନ ମେଳା ମହୋତ୍ସବରେ ପ୍ରଦର୍ଶିତ କରିଥା'ନ୍ତି। ପୂର୍ବରୁ ଏହା ଗୋଟିଏ ରଙ୍ଗର ମିଳୁଥିବାବେଳେ ଅଧିକ ଆକର୍ଷଣୀୟ କରିବା ପାଇଁ ଏଥିରେ ବିଭିନ୍ନ ରଙ୍ଗ ମଧ୍ୟ ଦିଆଯାଉଛି। ଯାହାକୁ ପାଣିରେ ଧୋଇଲେ କିମ୍ବା ଖରାରେ ଶୁଖାଇଲେ ବି ଶିଘ୍ର ନଷ୍ଟ ହେଉନଥିବା ସେ କହିଛନ୍ତି। ଏହି ସବୁ ସାମଗ୍ରୀକୁ ତିଆରି କରିବାକୁ ୨ରୁ ୩ ଦିନ ସମୟ ଲାଗୁଥିବାବେଳେ ୧୦୦ରୁ ୫୦୦ ଟଙ୍କା ଦାମ୍‌ରେ ବିକ୍ରି କରାଯାଇଥାଏ। ସେ ଜଙ୍ଗଲରୁ ଶିଆଳି ଲତା ସଂଗ୍ରହ କରି ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି ପରିବାର ପ୍ରତିପୋଷଣ ଦାୟିତ୍ୱ ତୁଲାଉଛନ୍ତି।

ଏଥିସହ ଆଇଟିଡିଏ ଓ ମାଇକ୍ରୋ ପ୍ରୋଜେକ୍ଟ ଅଞ୍ଚଳର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ବିକ୍ରି ହେଉଥିବା ସେମାନଙ୍କ ଉତ୍ପାଦିତ ଓ ସଂଗୃହୀତ ଦ୍ରବ୍ୟ ବୋହି ନେଉଛନ୍ତି ଗ୍ରାହକ। ବିଶେଷକରି ମହିଳାମାନେ ବିଭିନ୍ନ ଷ୍ଟଲ୍‌ରୁ କଞ୍ଚା ହଳଦୀ, ହଳଦୀଗୁଣ୍ଡ, ଗୋଟା ହଳଦୀ, ଝୁଣା, ଚଣା, ଫୁଲଝାଡୁ, ହରିଡ଼ା, ବାହାଡ଼ା, ଅଁଳା, ଛୋଟ ଆଳୁ, ନାଲି ଚାଉଳ, ମାଣ୍ଡିଆ, ଆଚାର ଆଦି ବ୍ୟାଗ୍ ଭର୍ତ୍ତି କରି ନେଉଥିବା ଦେଖିବାକୁ ମିଳିଛି। ଏହି ୧୧ ଦିନ ଭିତରେ ପ୍ରାୟ ୭ କୋଟିରୁ ଅଧିକ ଟଙ୍କାର ବିକ୍ରିବଟା ହୋଇଥିବା ଜଣାପଡ଼ିଛି। ବର୍ଷକୁ ଥରେ ଏହି ମେଳାରୁ ଆବଶ୍ୟକୀୟ ମସଲାଠାରୁ ଆରମ୍ଭ କରି ରୋଷେଇ ଉପକରଣ କିଣିବାକୁ ପୁଣି ଆସନ୍ତା ବର୍ଷକୁ ଅପେକ୍ଷା ବୋଲି ଗ୍ରାହକମାନେ କହିଛନ୍ତି।

ସେହିପରି ସାଂସ୍କୃତିକ ମଞ୍ଚରେ ପ୍ରତି ସନ୍ଧ୍ୟାରେ ବିଭିନ୍ନ ସମ୍ପ୍ରଦାୟର ଜନଜାତିଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରୁଛନ୍ତି ଦର୍ଶକ।

**୧୧ ଦିନରେ ୭କୋଟି ଟପିଲା ବିକ୍ରିବଟା**



## ସବାଇ ଘାସରେ ପ୍ରସ୍ତୁତ ହଟ୍‌କେସ୍, ନାନ୍ କେସ୍ ଓ ଡଷ୍ଟବିନ୍‌ର ବଢୁଛି ଆଦର

ଆମ ଦୈନନ୍ଦିନ ଜୀବନରେ ବ୍ୟବହାର କରାଯାଉଥିବା ଅନେକ ସାମଗ୍ରୀ ମଧ୍ୟ ବଦଳି ଗଲାଣି। ବିଶେଷକରି ହାତ ତିଆରି ପାରମ୍ପରିକ ସାମଗ୍ରୀ ଏବେ ସମସ୍ତଙ୍କର ରୁଚି ପାଲଟିଛି। ଯାହାର ଉଦାହରଣ ହେଉଛି ସବାଇ ଘାସରୁ ପ୍ରସ୍ତୁତ ଅନେକ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ। ରୋଷେଇ ଘରଠାରୁ ଆରମ୍ଭ କରି ଡ୍ରଇଂରୁମ୍ ପର୍ଯ୍ୟନ୍ତ ସବୁଠି ସବାଇ ଘାସରୁ ପ୍ରସ୍ତୁତ ଜିନିଷ ବ୍ୟବହାର ଓ ସାଜସଜ୍ଜା କରାଯାଉଛି। ଆଦିବାସୀ ମେଳାରେ ମୟୂରଭଞ୍ଜ ଜିଲ୍ଲାରୁ ଆସିଥିବା ମହିଳାମାନଙ୍କ ଦ୍ୱାରା ସବାଇ ଘାସରୁ ପ୍ରସ୍ତୁତ ଅନେକ ଘରସଜ୍ଜା ଜିନିଷ ପ୍ରତି ଲୋକଙ୍କ ପ୍ରବଳ ଆଗ୍ରହ ଦେଖିବାକୁ ମିଳିଛି। ଫୁଲଦାନୀ, ପେନ୍ ଷ୍ଟାଣ୍ଡ, ଗ୍ଲାସ୍ କଭର, ଆସନ, ମଶିଣା, ଡଷ୍ଟବିନ୍, ମନିପର୍ସ, ହ୍ୟାଣ୍ଡବ୍ୟାଗ୍ ଆଦିକୁ ଗ୍ରାହକମାନେ କିଣୁଥିବାବେଳେ ସବାଇ ଘାସରେ ପ୍ରସ୍ତୁତ ହଟ୍‌କେସ୍ ଓ ନାନ୍ କେସ୍‌ର ଅଧିକ ଚାହିଦା ରହିଛି।

ସାଧାରଣତଃ ଆମେ ଷ୍ଟିଲ୍ ଉପରେ ଫାଇବର କୋଟେଡ୍ ହଟ୍‌କେସ୍ ବ୍ୟବହାର କରିଥାଉ। ହେଲେ ଏବେ ସବାଇ ଘାସରେ ପ୍ରସ୍ତୁତ ହଟ୍‌କେସ୍ କିଣିବାକୁ ସମସ୍ତଙ୍କ ମଧ୍ୟରେ ଉତ୍କଣ୍ଠା ଦେଖିବାକୁ ମିଳିଥିଲା। ଏହି ହଟ୍‌କେସ୍‌ରେ ୪ରୁ ୫ ଘଣ୍ଟା ପର୍ଯ୍ୟନ୍ତ ରୁଟି କିମ୍ବା ପିଠାକୁ ଗରମ ରଖିବା ସହ ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ନୁହେଁ। ଏହାକୁ ବାରମ୍ବାର ଧୋଇଲେ ବି ଶୀଘ୍ର ନଷ୍ଟ ହେଉ ନ ଥିବାରୁ ବଡ଼ ବଡ଼ ରେଷ୍ଟୋରାଁ ଓ ହୋଟେଲଗୁଡ଼ିକରେ ନାନ୍ ରଖିବା ପାଇଁ ଏହି କେସ୍‌ଗୁଡ଼ିକ ବ୍ୟବହାର କରାଯାଉଥିବା ଏହାକୁ ପ୍ରସ୍ତୁତ କରିଥିବା ଉର୍ମିଳା ଦେହୁରୀ କହିଛନ୍ତି। ଏହିସବୁ ସାମଗ୍ରୀ ଉଭୟ ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍‌ରେ ବିକ୍ରି କରାଯାଉଥିବାବେଳେ ଓରମାସ୍‌ରେ ମଧ୍ୟ ଉପଲବ୍ଧ ରହିଥିବା ସେ କହିଛନ୍ତି। ହଟ୍‌କେସ୍‌ଗୁଡ଼ିକର ଦାମ୍ ୨୫୦ ଟଙ୍କାରୁ ଆରମ୍ଭ ହୋଇ ୫୦୦ ଟଙ୍କା ପର୍ଯ୍ୟନ୍ତ ରହିଥିବାବେଳେ ନାନ୍ କେସ୍‌ର ମୂଲ୍ୟ ୨୦୦ ଟଙ୍କା ରହିଛି ଏବଂ ଡଷ୍ଟବିନ୍‌ର ମୂଲ୍ୟ ୪୫୦ ଟଙ୍କା ରହିଛି। ଷ୍ଟଲ୍‌ରେ ସର୍ବନିମ୍ନ ମୂଲ୍ୟର ଗ୍ଲାସ୍ କଭର ୨୦ ଟଙ୍କାରୁ ଆରମ୍ଭ ହୋଇ ୨୦୦ ଟଙ୍କା ପର୍ଯ୍ୟନ୍ତ ରହିଛି।

## ଟ୍ରାଇବାଲ୍ ଟାଟୁ ପାଖରେ ଭିଡ଼

ପ୍ରଥମ ଥର ପାଇଁ ଆଦିବାସୀ ମେଳାରେ ଖୋଲିଛି ଟ୍ରାଇବାଲ୍ ଟାଟୁ ଷ୍ଟଲ୍। ମେଳା ବୁଲିବାକୁ ଆସୁଥିବା ପ୍ରତିଟି ପରିଦର୍ଶକ ଏହି ଷ୍ଟଲ୍‌ରେ ବିଭିନ୍ନ ଟ୍ରାଇବାଲ୍ ଆର୍ଟ ନିଜ ହାତରେ ଆଙ୍କୁଥିବା ଦେଖିବାକୁ ମିଳିଥିଲା। ଧଉଳି ଆର୍ଟ କଲେଜର ଛାତ୍ରମାନେ ଏଠାରେ ଦର୍ଶକଙ୍କ ହାତରେ ସେମାନଙ୍କ ମନ ପସନ୍ଦର ଟାଟୁ କରୁଛନ୍ତି। ଏଥିପାଇଁ ଏକ ବୁକ୍‌ଲେଟ୍ ମଧ୍ୟ ରହିଛି ଯେଉଁଥିରେ ହାତୀ, ଚିଲ, ହରିଣ, ମୟୂର ସମେତ ୧୦୦ରୁ ଊର୍ଦ୍ଧ୍ୱ ପ୍ରକାରର ଟ୍ରାଇବାଲ୍ ଡିଜାଇନ୍ ରହିଛି। ଏହା ସମ୍ପୂର୍ଣ୍ଣ ଭାବେ ମାଗଣା ହୋଇଥିବାରୁ ପିଲାଙ୍କଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ମେଳା ବୁଲିବାର ଏକ ସ୍ମୃତି ସ୍ୱରୂପ ହାତରେ ଏହି ଆର୍ଟ କରି ଫେରୁଛନ୍ତି। ପ୍ରତ୍ୟେକ ଦିନ ୮୦୦ରୁ ହଜାରେ ଦର୍ଶକ ହାତରେ ଏହି ଟାଟୁ କରୁଥିବା ଷ୍ଟଲ୍ ପକ୍ଷରୁ ଦେବାଶିଷ ବେହେରା, ସୂରଜ କୁମାର ବିଶୋଇ କହିଛନ୍ତି।



## ନାଟକ 'ଦେବଦାସୀ' ମଞ୍ଚସ୍ଥ



ଭୁବନେଶ୍ୱର, ୧୫।୧(ସମିସ): ନାଟ୍ୟ ଅନୁଷ୍ଠାନ 'ମନନ'ର ୪୬ତମ ପ୍ରତିଷ୍ଠା ଦିବସ ଅବସରରେ ରବୀନ୍ଦ୍ର ମଣ୍ଡପଠାରେ ୫ଦିନିଆ ନାଟକ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଯାଇଛି ନାଟକ 'ଦେବଦାସୀ'। ଅଲଟର୍‌ନେଟିଭ୍ ରିଦ୍ଦିମ୍ ଥିଏଟର, ଢେଙ୍କାନାଳ ପକ୍ଷରୁ ପରିବେଷିତ ଏହି ନାଟକର ରଚନା ଓ ନିର୍ଦ୍ଦେଶନା ଦେଇଛନ୍ତି ଦିନେଶ ଦାସ। ନାଟକର କାହାଣୀ ଅନୁସାରେ, ଜଗନ୍ନାଥ ସଂସ୍କୃତି, ପରମ୍ପରା ଓ ମାନବୀୟ ଲୀଳା ଭିତରେ ଏକ ଅନନ୍ୟ ପରମ୍ପରା ହେଉଛି ଦେବଦାସୀ ପରମ୍ପରା। ଠାକୁରଙ୍କୁ ସ୍ୱାମୀ ରୂପେ ବରଣ କରି ଅନୁଢ଼ା ମାନବୀ କନ୍ୟା, ସାରା ଜୀବନ ତାଙ୍କ ପାଇଁ ଶଙ୍ଖା, ସିନ୍ଦୂର, ପାଉଁଜି, ଝୁଣ୍ଟିଆ ନାଇ ନୃତ୍ୟ ସଙ୍ଗୀତ ପରିବେଷଣ କରି ସେ ପାଏ ସ୍ୱର୍ଗୀୟ ପ୍ରେମ। ଈଶ୍ୱରୀୟ ସତ୍ତାକୁ ଅନୁଭବରେ ମୁକ୍ତିମନ୍ତ କରିପାରେ ଦେବଦାସୀ। ଏଥିରେ ବିଭିନ୍ନ ଭୂମିକାରେ ମନୋହର, ଦିନେଶ, କାମାକ୍ଷା, ଜୟଦେବ ପ୍ରମୁଖ ଅଭିନୟ କରିଥିଲେ। ଏହି ଅବସରେ ଜିତେନ୍ଦ୍ର ପଟ୍ଟନାୟକ ଓ ହିମାଂଶୁ ଭୂଷଣ ଓଝାଙ୍କୁ 'ମନନ ସମ୍ମାନ-୨୦୨୫' ପ୍ରଦାନ କରାଯାଇଛି। ସନ୍ଧ୍ୟାରେ ଅତିଥି ଭାବେ ପ୍ରାକ୍ତନ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, ନାଟ୍ୟ ନିର୍ଦ୍ଦେଶକ ଲାଲା ବୀରେନ୍ ରାୟ, ବରିଷ୍ଠ ସାମ୍ବାଦିକ ଅଶୋକ କୁମାର ପାଲିତ୍, 'ମନନ'ର ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## 'ବୃଦ୍ଧି ପାଇବାରେ ଲାଗିଛି କର୍କଟ ଆକ୍ରାନ୍ତଙ୍କ ସଂଖ୍ୟା'

ଭୁବନେଶ୍ୱର, ୧୫।୧(ସମିସ): ଲିଙ୍ଗରାଜ ବିହାର ପାଠାଗାର ଓ ସୂଚନା କେନ୍ଦ୍ରରେ କର୍କଟ ରୋଗର କାରଣ ଓ ନିରାକରଣ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପାଠାଗାରର ସଭାପତି ଡ. ଶିଶିର କୁମାର ମହାପାତ୍ର ସଭାପତିତ୍ୱ କରିଥିବାବେଳେ ଏମ୍‌ସ ଅଙ୍କୋଲୋଜି ବିଭାଗର ପ୍ରଫେସର ଡା. ସରୋଜ କୁମାର ଦାସ ମଜୁମ୍‌ଦାର ମୁଖ୍ୟବକ୍ତା ଭାବେ ଯୋଗଦେଇ କର୍କଟ ରୋଗର କାରଣ ଓ ନିରାକରଣ ବିଷୟରେ ଅନେକ ତଥ୍ୟ ପ୍ରଦାନ କରିଥିଲେ। ଆଜିକାଲି କର୍କଟ ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ ମାତ୍ରାରେ ବୃଦ୍ଧି ପାଇଛି। ପ୍ରାୟ ୧.୪୬ ମିଲିୟନ୍ ନୂଆ କର୍କଟ ରୋଗୀ ଜଣାପଡ଼ିଛନ୍ତି। ପୁରୁଷମାନଙ୍କ ମଧ୍ୟରେ ମୁଖଗହ୍ୱର, ଫୁସ୍‌ଫୁସ୍, ପାକସ୍ଥଳୀ ଆଦି କର୍କଟ ଆଶଙ୍କା ଅଧିକ ରହିଛି। ମହିଳାମାନଙ୍କ ମଧ୍ୟରେ ସ୍ତନ କର୍କଟ, ଜରାୟୁଗ୍ରୀବା କର୍କଟ, ଓଭାରିଆନ୍ କର୍କଟ ଅଧିକ ଥିଲାବେଳେ ପିଲାମାନଙ୍କୁ ରକ୍ତକର୍କଟ, ଅନ୍ତଃଶ୍ରାବୀ ଗ୍ରନ୍ଥୀ କର୍କଟ ହେବାର ଆଶଙ୍କା ଥାଏ। ଏହାର ଅନେକ କାରଣ ହୋଇପାରେ ବଂଶଗତ କିମ୍ବା ଆଧୁନିକ ଜୀବନଶୈଳୀ। ଏହାର ନିରାକରଣ ପାଇଁ ଜୀବନଶୈଳୀ ସହ ସୁସ୍ଥ ପରିବେଶ ଓ ଅଧିକ ମାତ୍ରାରେ ଭାରାକ୍ରାନ୍ତ ନ ହେବା, ଧୂମ୍ରପାନ ନିଷେଧ ନିତ୍ୟାନ୍ତ ଆବଶ୍ୟକ ବୋଲି ଡ. ମଜୁମ୍‌ଦାର ମତ ଦେଇଥିଲେ।




## ରିକ୍ସା କଲୋନୀ ବସ୍ତିରେ ବର୍ଣ୍ଣବୋଧ ପାଠଶାଳାର ଶୁଭାରମ୍ଭ



ଭୁବନେଶ୍ୱର, ୧୫।୧(ସମିସ): ଯଶୋଦା ମା' ଫାଉଣ୍ଡେସନ ପକ୍ଷରୁ ନୀଳାଦ୍ରି ବିହାର ରିକ୍ସା କଲୋନୀ ବସ୍ତିରେ ଆଉ ଏକ ବର୍ଣ୍ଣବୋଧ ପାଠଶାଳାର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଟିଭି ଆଙ୍କର ଶୁଭୋଜିତ୍ ପଣ୍ଡା ଯୋଗଦେଇ ପିଲାମାନଙ୍କୁ ପାଠ ପଢ଼ିବା ଦିଗରେ ଦିଗ୍‌ଦର୍ଶନ ଦେଇଥିଲେ। ପ୍ରାୟ ୪୦ ଜଣ ପିଲାଙ୍କୁ ବର୍ଣ୍ଣବୋଧ ବହି, ଖାତା, କଲମ, ସିଲଟ ଇତ୍ୟାଦି ବଣ୍ଟନ କରାଯାଇଥିଲ। ବର୍ଣ୍ଣବୋଧ ପାଠଶାଳାର ଶିକ୍ଷୟିତ୍ରୀ ଭବାନୀ ସିଂଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଲୋକ ହୋତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପାଠଶାଳାର ମୁଖ୍ୟ ଯଶୋଦା ମା'ଙ୍କ ସମେତ ଅନେକ ଅଭିଭାବକ ଉପସ୍ଥିତ ଥିଲେ।

## ନଗେନ ବାରିକଙ୍କୁ 'ପ୍ରମୋଦ ପତି ଚଳଚ୍ଚିତ୍ର ସମ୍ମାନ




ଭୁବନେଶ୍ୱର, ୧୫।୧(ସମିସ): ଭାରତୀୟ ଚଳଚ୍ଚିତ୍ର ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ 'ପ୍ରମୋଦ ପତି ଚଳଚ୍ଚିତ୍ର ସମ୍ମାନ-୨୦୨୫'ରେ ପ୍ରବୀଣ ଚଳଚ୍ଚିତ୍ର ଧ୍ୱନି ସଂଯୋଜକ ନଗେନ କୁମାର ବାରିକ ସମ୍ମାନିତ ହୋଇଛନ୍ତି। ଅଭିନବ ଭାରତୀୟ ଚଳଚ୍ଚିତ୍ରର ଜନକ ପ୍ରମୋଦ ପତିଙ୍କ ୯୩ତମ ଜୟନ୍ତୀ ଅବସରରେ ବୁଦ୍ଧ ମନ୍ଦିରଠାରେ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ଓଡ଼ିଆ ଚଳଚ୍ଚିତ୍ରର ସମୃଦ୍ଧି ତଥା କ୍ରମବିକାଶରେ ଯୋଗଦାନ ସହ ଭାରତୀୟ ଚଳଚ୍ଚିତ୍ର ଜଗତରେ ୬୦ ବର୍ଷର ଅବଦାନ ତଥା ଜୀବନବ୍ୟାପୀ ସାଧନା ପାଇଁ ସେ ସମ୍ମାନିତ ହୋଇଛନ୍ତି। ରାଜ୍ୟ ଅର୍ଥ ଆୟୋଗର ପ୍ରାକ୍ତନ ଅଧ୍ୟକ୍ଷ ଡ. ରବିନାରାୟଣ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମ ସଚିବ ଦେବେନ୍ଦ୍ର ପ୍ରସାଦ ଦାଶ, ମୁଖ୍ୟବକ୍ତା ଭାବେ ଚଳଚ୍ଚିତ୍ର ନିର୍ମାତା ତଥା ନିର୍ଦ୍ଦେଶକ ହିମାଂଶୁ ଖଟୁଆ ଓ ଭାରତୀୟ ଫିଲ୍ମ ସେନ୍ସର୍ସ ବୋର୍ଡର ପୂର୍ବତନ ଆଞ୍ଚଳିକ ମୁଖ୍ୟ ଗୋପାଳକୃଷ୍ଣ ମହାପାତ୍ର ଉପସ୍ଥିତ ଥିଲେ। ଚଳଚ୍ଚିତ୍ର ନିର୍ମାତା ଘନଶ୍ୟାମ ମହାପାତ୍ର, ସୁବାସ ଚନ୍ଦ୍ର ରଥ, ଚିତ୍ରଶିଳ୍ପୀ ପଞ୍ଚାନନ ସାମଲ ଆଦି କିମ୍ବଦନ୍ତୀ ପୁରୁଷ ପ୍ରମୋଦ ପତିଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଗୋଲକ ବିହାରୀ ସିଂଙ୍କ ଦ୍ୱାରା ସଙ୍କଳିତ ତଥା ପ୍ରମୋଦ ପତିଙ୍କ ଜୀବନୀ ପୁସ୍ତକ 'ପ୍ରମୋଦ ପତି-ଦି ଇନ୍‌ଭେନ୍‌ଟିଷ୍ଟ ମାଷ୍ଟର କ୍ରାଫ୍ଟର' ପାଠକାର୍ପଣ ହୋଇଥିଲା। ଟ୍ରଷ୍ଟର ଅଧ୍ୟକ୍ଷ ଶ୍ୟାମସୁନ୍ଦର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ଗୋଲକ ବିହାରୀ ସିଂ ବାର୍ଷିକ ବିବରଣୀ ପାଠ କରିଥିଲେ।

## ଦେଶରେ ମଡେଲ୍ ପାଲଟିଛି ଭୁବନେଶ୍ୱର ସରକାରୀ ପଲିଟେକ୍ନିକ୍

ଭୁବନେଶ୍ୱର, ୧୫।୧(ସମିସ): ଦେଶର ମଡେଲ୍ ପାଲଟିଛି ଭୁବନେଶ୍ୱର ସରକାରୀ ପଲିଟେକ୍ନିକ୍। ପାଠପଢ଼ା ସହ ଅନ୍ୟାନ୍ୟ ଦକ୍ଷତା ପ୍ରଶିକ୍ଷଣ ଅନ୍ୟର ଦୃଷ୍ଟି ଆକର୍ଷଣ କରିଛି। ବୁଧବାର ହିମାଞ୍ଚଳ ପ୍ରଦେଶର ବୈଷୟିକ ଶିକ୍ଷା ମନ୍ତ୍ରୀ ଇଂ ରାଜେଶ ଧର୍ମାନୀଙ୍କ ନେତୃତ୍ୱରେ ଏକ ୧୩ ଜଣିଆ ପ୍ରତିନିଧି ଦଳ ପଲିଟେକ୍ନିକ୍ ଗସ୍ତରେ ଆସି ଉତ୍କର୍ଷ ପରଖିଛନ୍ତି। ଶିକ୍ଷାଦାନ ପ୍ରକ୍ରିୟା ସମ୍ପର୍କରେ ଅବଗତ ହେବା ସହ ପାଠପଢ଼ା ସମୟରେ ପେଟ ପୋଷିବାକୁ ଦିଆଯାଉଥିବା ପ୍ରଶିକ୍ଷଣ ପଚାରି ବୁଝିଛନ୍ତି।

ପଲିଟେକ୍ନିକ୍‌ରେ ଥିବା ନଷ୍ଟରୁ ଶ୍ରେଷ୍ଠ ପାର୍କକୁ ପ୍ରଥମେ ବୁଲି ଦେଖିଛନ୍ତି। ଅଦରକାରୀ ପ୍ଲାଷ୍ଟିକ୍‌କୁ ବ୍ୟବହାର କରି ଆକର୍ଷଣୀୟ କଳାକୃତୀ ସମସ୍ତଙ୍କୁ ଆକୃଷ୍ଟ କରିଛି।

**ଉତ୍କର୍ଷ ଦେଖିଲେ ହିମାଞ୍ଚଳ ପ୍ରଦେଶ ମନ୍ତ୍ରୀଙ୍କ ସହ ପ୍ରତିନିଧି ଦଳ**



ଛାତ୍ରଛାତ୍ରୀଙ୍କୁ ଦେଶ ବିଦେଶରେ ନିଯୁକ୍ତି ଦେବାରେ ରେକର୍ଡ କରୁଥିବାରୁ ପ୍ରସ୍ତୁତି ଢାଞ୍ଚା ଅବଗତ ହୋଇଛନ୍ତି। ଏହି ସମୟରେ ସମସ୍ତ ଛାତ୍ରଛାତ୍ରୀଙ୍କୁ କୃତ୍ରିମ ବୁଦ୍ଧିମତା (ଏଆଇ) ପ୍ରଶିକ୍ଷଣ ଦିଆଯାଉଥିବା ଏବଂ ପ୍ରାୟ ଦୁଇଶହରୁ ଅଧିକ ଛାତ୍ରଛାତ୍ରୀଙ୍କୁ ବିଦେଶରେ ନିଯୁକ୍ତି ଦେବାପାଇଁ ପାସ୍‌ପୋର୍ଟ ପ୍ରସ୍ତୁତ ହୋଇଥିବା ଜାଣି ଖୁସିବ୍ୟକ୍ତ କରିଛନ୍ତି। ପଲିଟେକ୍ନିକ୍‌ର ଅଧ୍ୟକ୍ଷ ଡ. ରଜତ ପାଣିଗ୍ରାହୀଙ୍କ ସମେତ ଅଧ୍ୟାପକ ଅଧ୍ୟାପିକାମାନେ ସେମାନଙ୍କୁ ବିଭିନ୍ନ ବିଷୟରେ ଅବଗତ କରିଛନ୍ତି। ହିମାଞ୍ଚଳ ପ୍ରଦେଶର ପ୍ରତିନିଧି ଦଳରେ ମନ୍ତ୍ରୀଙ୍କ ସମେତ ବୈଷୟିକ ଶିକ୍ଷା ସଚିବ କନ୍ଦମ ସନ୍ଦୀପ, ନିର୍ଦ୍ଦେଶକ ଅକ୍ଷୟ ସୁଦ୍ ପ୍ରମୁଖ ଥିବାବେଳେ ଓଡ଼ିଶା ବୈଷୟିକ ଶିକ୍ଷା ବିଭାଗର ନିର୍ଦ୍ଦେଶକ ସମର୍ଥ ବର୍ମା ମଧ୍ୟ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କ କଠିନ ପରିଶ୍ରମ ଓ ଦୃଢ଼ ମନୋବଳ ପାଇଁ ଦେଶରେ ସେମାନେ ମଡେଲ୍ ହୋଇପାରିଥିବା ଅଧ୍ୟକ୍ଷ ଡ. ପାଣିଗ୍ରାହୀ ପ୍ରକାଶ କରିଛନ୍ତି।

